ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.211 Bhubaneswar Tuesday October 11 2022 | ୨୫ତମ ବର୍ଷ ସଂଖ୍ୟା-୨୧୧ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୧, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

ଦକ୍ଷିଣ ଓ ପଶ୍ଚିମରେ ଦୋହଲିଲାଣି ବିଜେଡି ଗଡ: ସଜାଡିବାକୁ କସରତ୍ , ଗଞ୍ଜାମରୁ ୮

ଭୁବନେଶ୍ୱର,୧୦।୧୦(ପି.ଏନ) : ଆଗାମୀ ସାଧାରଣ ନିର୍ବାଚନ ପାଇଁ ସାଂଗଠନିକସ୍ତରରେ ପ୍ରସ୍ତୁତି ଆରମ୍ଭ କରିସାରିଥିବା ଶାସକ ବିଜେଡିକୁ ନିଜସ୍ୱ ଗୁଇନ୍ଦା ରିପୋର୍ଟ ଏବେ ଚିନ୍ତାରେ ପକାଇଛି । ଦଳର ଗଡ ଭାବେ ପରିଚିତ ଦକ୍ଷିଣ ଓଡିଶା ବିଶେଷକରି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଜସ୍ୱ ଜିଲ୍ଲା ଗଞ୍ଜାମରେ ସଂଗଠନ ଏଭଳି ବିପର୍ଯ୍ୟସ୍ତ ଆଡକୁ ଗଲାଣି ଯେ, ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିକୁ ସୁରକ୍ଷିତ ରଖିବା ବି ଚ୍ୟାଲେଞ୍ଜ ପାଲଟି ଯାଇଛି । ଜିଲ୍ଲା ପ୍ରଶାସନ ଓ ଗୁଇନ୍ଦା ରିପୋର୍ଟକୁ ଆଧାର କରି ଗଞ୍ଜାମ ଜିଲ୍ଲାର ୮ଜଣ ନେତାଙ୍କୁ ଗତକାଲି ବିଭିନ୍ନ ସରକାରୀ ପଦପଦବୀରେ ଥଇଥାନ କରି ଘର ସଜାଡିବା ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପଶ୍ଚିମଓଡିଶାରେ ବିଜେଡିର ନେତୃତ୍ୱ ସମୀକରଣରେ ବି ପରିବର୍ତ୍ତନ କରି ନିର୍ବାଚନ ପୂର୍ବରୁ ନେତାଙ୍କୁ ଏକଜୁଟ୍ ରଖିବାକୁ ଉଦ୍ୟମ କରିଛନ୍ତି । ଗଞ୍ଜାମ ଦଳୀୟ ସଂଗଠନ ବ୍ୟାପାରରୁ ନିଜକୁ ଦୂରେଇ ରଖିଥିବା ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ସୁଶାନ୍ତ ସିଂଙ୍କ ଭଳି ନେତାଙ୍କୁ ମାତ୍ରାଧିକ ଗୁରୁତ୍ୱ ପଶ୍ଚିମଓଡିଶାରେ ଗୋଷ୍ଠୀକନ୍ଦଳକୁ ତୀବ୍ର କରି ଦଳୀୟ ସ୍ଥିତି ବିପର୍ଯ୍ୟସ୍ତ କରିଥିବା ଜଣାପଡିଛି ।ସୂଚନା ଅନୁସାରେ, ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦଳର ୩୬ଜଣ ନେତାଙ୍କୁ ବିଭିନ୍ନ ସରକାରୀ ପଦପଦବୀ(ନିଗମ ଓ ବୋର୍ଡ ମୁଖ୍ୟ ସମେତ ଉପଦେଷ୍ଟା ପଦବୀ)ରେ ଥଇଥାନ କରିଛନ୍ତି । ଧାମନଗର ଓ ପଦ୍ମପୁର ଉପନିର୍ବାଚନ ତଥା ସାଧାରଣ ନିର୍ବାଚନକୁ ଆଖିରେ ରଖି ପ୍ରାୟ ୪ମାସର କସରତ ପରେ ଯେଉଁ ୩୬ଜଣ ଦଳୀୟ ନେତାଙ୍କୁ ବିଭିନ୍ନ ସରକାରୀ ପଦପଦବୀରେ ଥଇଥାନ କରିଛନ୍ତି ସେମାନଙ୍କ ମଧ୍ୟରୁ କେବଳ ୮ଜଣ ହେଉଛନ୍ତି ଗଞ୍ଜାମ ଜିଲ୍ଲାର । ବିଜେଡିର ଗଡ ଭାବେ ପରିଚିତ ଗଞ୍ଜାମ ଜିଲ୍ଲାର ଦଳୀୟ ସାଂଗଠନିକ କାର୍ଯ୍ୟରୁ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସମ୍ପୂର୍ଣ୍ଣ ଦୂରେଇ ରଖାଯିବା ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ମଧ୍ୟ କୋଣଠେସା କରାଯାଇଥିବାରୁ ଦଳର ସ୍ଥିତି ଗଞ୍ଜାମ ଜିଲ୍ଲାରେ ଦୋହଲି ଯାଇଛି । ଏମାନଙ୍କ ପରିବର୍ତ୍ତ ? ଗଞ୍ଜାମ ଜିଲ୍ଲା ବିଜେଡିରେ ଉପଯୁକ୍ତ ବିକଳ୍ପ ନେତୃତ୍ୱ ନଥିବାରୁ ଦଳୀୟ କର୍ମୀ ଓ ସାଧାରଣ ଭୋଟରଙ୍କ ମଧ୍ୟରେ ଦଳ ବିରୁଦ୍ଧରେ ଅସନ୍ତୋଷ ବୃଦ୍ଧି ପାଇଛି । ଯେଉଁ ନେତାମାନେ ଦଳ ସହ ଅଛନ୍ତି ସେମାନେ ବି ଦୀର୍ଘଦିନ ଧରି କୌଣସି ସରକାରୀ ପଦପଦବୀ ପାଇନଥିବାରୁ ଠିକଣା ସମୟରେ ଜବାବ ଦେବାକୁ ଚାହିଁ ରହିଛନ୍ତି । ଏସବୁ ସ୍ଥିତିକୁ ଆକଳନ କରି ବିଜେଡି ସୁପ୍ରିମୋ ଗତକାଲି ଦଳୀୟ ନେତାଙ୍କୁ ଥଇଥାନ କରିବା ଆଳରେ ନିଜସ୍ୱ ଜିଲ୍ଲା ଗଞ୍ଜାମକୁ ସଜାଡିବାକୁ ଉଦ୍ୟମ କରିଛନ୍ତି ।ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିର ବ୍ଲକ୍ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ (ଉପଦେଷ୍ଟା,ଓଡିଶା କୃଷି ବିପଣନ ବୋର୍ଡ) ଓ ପୁରୁଖା ନେତା ଡି.ବିଶ୍ୱନାଥଙ୍କୁ କିଛି ବର୍ଷର ବ୍ୟବଧାନରେ ପୁଣିଥରେ ଓଡିଶା ଗୃହନିର୍ମାଣ ଉନ୍ନୟନ ନିଗମ ଅଧ୍ୟକ୍ଷ ଭାବେ ଥଇଥାନ କରିଛନ୍ତି । ଏମାନଙ୍କ ବ୍ୟତୀତ ଗଞ୍ଜାମ ଜିଲ୍ଲାରୁ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ (ସଦସ୍ୟ,ରାଜ୍ୟ ଯୋଜନା ବୋର୍ଡ), ସୁବାସ ମହାରଣା(ଓଡିଶା କାଜୁ ନିଗମ ଅଧ୍ୟକ୍ଷ), ରାମଚନ୍ଦ୍ର ପଣ୍ଡା (ଉପଦେଷ୍ଟା,କୃଷି ବିଭାଗ), ପବିତ୍ର ପାଣିଗ୍ରାହୀ(ଅଧ୍ୟକ୍ଷ,ଗଞ୍ଜାମ ଆଂଚଳିକ ଉନ୍ନୟନ

ଟ୍ରଷ୍ଟ)ଙ୍କ ସମେତ ଗଞ୍ଜାମ ଜିଲ୍ଲା ଯୋଜନା କମିଟିରେ ଏକ୍ସପର୍ଟ ସଦସ୍ୟ ଭାବେ ରଘୁନାଥ ନାଇଡୁ ଓ ତୁମ୍ବନାଥ ପଣ୍ଡାଙ୍କୁ ଥଇଥାନ କରାଯାଇଛି । ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ସୁରେନ୍ଦ୍ର ପ୍ରଧାନ ଓ ଡି.ବିଶ୍ୱନାଥଙ୍କୁ ଥଇଥାନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିଜସ୍ୱ ଆସନକୁ ସାଧାରଣ ନିର୍ବାଚନ ପୂର୍ବରୁ ସଜାଡିବାକୁ ପ୍ରୟାସ କରିଛନ୍ତି । ଏହାସହିତ ଉପରୋକ୍ତ ନେତାମାନଙ୍କୁ ଥଇଥାନ କରି ଜିଲ୍ଲାରେ ଭୁଷୁଡୁଥିବା ବିଜେଡି ଗଡକୁ ମଧ୍ୟ ବଂଚାଇବାକୁ ଉଦ୍ୟମ କରଥିବା ଜଣାପଡିଛି ।ସେହିପରି ୨୦୧୯ ସାଧାରଣ ନିର୍ବାଚନ ପରଠୁ ପଶ୍ଚିମଓଡିଶାରେ ବିଜେଡିର ସଂଗଠନ ଦାୟିତ୍ୱ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ହାତକୁ ଟେକି ଦେଇଥିବା ବିଜେଡି ସୁପ୍ରିମୋ ଏବେ ଦଳର ସ୍ଥିତିକୁ ନେଇ ଆଶଙ୍କାରେ ପଡିଛନ୍ତି । ସୁଶାନ୍ତଙ୍କୁ ସଂଗଠନ କାର୍ଯ୍ୟରେ ମାତ୍ରାଧିକ ଗୁରୁତ୍ୱ ଦେବାର ପ୍ରତିକୂଳ ପ୍ରଭାବ ପଶ୍ଚିମଓଡିଶାରେ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅନୁଭୂତ ହେବା ସହ ସାଧାରଣ ଭୋଟର ମଧ୍ୟ ବିଜେଡିରୁ ମୁହଁ ଫେରାଇବାରେ ଲାଗିଛନ୍ତି । ମମିତା ମେହେର ହତ୍ୟା ମାମଲାରେ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା ନକରି ସୁରକ୍ଷା ଦେବା, ପଶ୍ଚିମଓଡିଶାର ସଂଗଠନ ବ୍ୟାପାରରେ ସୁଶାନ୍ତ ସିଂ ଓ ତାଙ୍କର ଖାସ୍ ଅନୁଗତ ଟୁକୁନି ସାହୁଙ୍କୁ ମାତ୍ରାଧିକ ଗୁରୁତ୍ୱ, ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲା ସଂଗଠନରେ ମନ୍ତ୍ରୀ ନବ ଦାସଙ୍କୁ ଗୁରୁତ୍ୱ ସମେତ ସିଂହଦେଓ ଓ ଆଚାର୍ଯ୍ୟ ପରିବାରକୁ ସମ୍ପୂର୍ଣ୍ଣ କୋଣଠେସା ସହ ପୁଷ୍ପ ?ନ୍ଦ୍ର ସିଂହଦେଓ ଓ ଶାରଦା ନାୟକଙ୍କ ଭଳି ନେତାଙ୍କୁ ଅଣଦେଖାର ପ୍ରତିକୂଳ ପ୍ରଭାବ ପଡୁଥିବା ନେଇ ଗୁଇନ୍ଦା ଇନପୁଟ୍ ବିଜେଡି ନେତୃତ୍ୱଙ୍କ ନିଦ ହଜାଇ ଦେଇଛି । ଉପରକୁ ସବୁ ଠିକ୍ ଲାଗୁଥିଲେ ମଧ୍ୟ ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ଦଳର ସ୍ଥିତି ଦୋହଲିବାରେ ଲାଗିଥିବା ବିଜେଡି ସୁପ୍ରିମୋ ଅନୁଭବ କରିସାରିଲେଣି । ଯେଉଁଥିପାଇଁ ସୁଶାନ୍ତଙ୍କ ବିରୋଧ ଯୋଗୁ ସିଂହଦେଓ ଓ ଆଚାର୍ଯ୍ୟ ପରିବାରକୁ ଗତ ୩ବର୍ଷ ଧରି ଅଣଦେଖା କରିଥିବା ବିଜେଡି ନେତୃତ୍ୱ ଏବେ ପୁଣିଥରେ କୋଳେଇବାକୁ ପ୍ରୟାସ କରିଛନ୍ତି । ଜିଲ୍ଲା ସଭାପତି ପଦରୁ କଳିକେଶ ସିଂହଦେଓଙ୍କୁ ବିଦା କରିଥିବା ବିଜେଡି ନେତୃତ୍ୱ ଏବେ ତାଙ୍କୁ ରାଜ୍ୟ ଗୃହନିର୍ମାଣ ବୋର୍ଡ ଅଧ୍ୟକ୍ଷ ଭଳି ଲୋଭନୀୟ ପଦରେ ଥଇଥାନ କରିଛନ୍ତି । ସିଂହଦେଓ ପରିବାରର ପ୍ରଭାବ ଯୋଗୁ ବଲାଙ୍ଗିର ଜିଲ୍ଲା ବିଜେଡି ସଭାପତି ମନ୍ତ୍ରୀ ଟୁକୁନି ସାହୁ ଥାଇ ମଧ୍ୟ ଗତ ୨ବର୍ଷ ମଧ୍ୟରେ ଥରୁଟିଏ ବି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଡାକିପାରିନାହାନ୍ତି । ଯଦିଓ ସୁଶାନ୍ତ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ତାଙ୍କ ଉପରେ ଅଭୟ ହସ୍ତ ରଖିଛନ୍ତି । ସେହିପରି ୨୦୧୯ ସାଧାରଣ ନିର୍ବାଚନବେଳେ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ପୂର୍ବତନ ବିଧାୟକ ସାଧୁ ନେପାକଙ୍କୁ ମଧ୍ୟ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସୁପାରିଶରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଭାବେ ଥଇଥାନ କରାଯାଇଥିବା ଜଣାପଡିଛି । ପଦ୍ମପୁର ଉପନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଭାତଆଦିତ୍ୟ ମିଶ୍ରଙ୍କୁ ମଧ୍ୟ ଥଇଥାନ କରାଯାଇଛି । ସେହିପରି ମନ୍ତ୍ରୀ ନବ ଦାସଙ୍କ ବିରୁଦ୍ଧ ସତ୍ତ୍ୱେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ ?ଇ(ସୁନ୍ଦରଗଡ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ)ଙ୍କ ସୁପାରିଶରେ ବରିଷ୍ଠ ନେତା ଶାରଦା ନାୟକଙ୍କୁ ଝାରସୁଗୁଡା ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ବିଜେଡି ସୂତ୍ରରୁ ସୂଚନା ମିଳିଛି । ଆଉ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ଏକାନ୍ତ ଅନୁଗତ ହୋଇ ସୁଶାନ୍ତ ପଶ୍ଚିମଓଡିଶାର ନେତା ଭାବେ ନିଜକୁ ପ୍ରତିପାଦନ କରିବା ଏବେ ବିଜେଡିକୁ ମହଙ୍ଗା ପଡିବାରେ ଲାଗିଛି ।ଏପଟେ ପ୍ରସନ୍ନ ପାଟଶାଣୀ, କସ୍ତୁରୀ ମହାପାତ୍ର, ନିବେଦିତା ନାୟକ, ଗୀତା ବସ୍ତିଆ, ଲୋପାମୁଦ୍ରା ବକ୍ସିପାତ୍ର,ବିଜୟ ନାୟକ, ସରୋଜିନୀ ହେମ୍ବ୍ରମ, ସତ୍ୟବ୍ରତ ତ୍ରିପାଠୀ(କୁନା), ଶ୍ରୀମୟୀ ମିଶ୍ର ଓ ସନ୍ତୋଷ ବେଜଙ୍କ ଭଳି ନେତା-ନେତ୍ରୀଙ୍କୁ ବିଭିନ୍ନ ସରକାରୀ ପଦପଦବୀରେ ଥଇଥାନ କରି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ(ବବି)ଙ୍କୁ ମଧ୍ୟ ବିଜେଡି ନେତୃତ୍ୱ ଚେକ୍ ଦେଇଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି ।

ଦିନକରେ ୮୪ ମିଶାଇଲ ମାଡ କଲା ରୁଷ, ଘରୁ ନ ବାହାରିବାକୁ ଭାରତୀୟଙ୍କୁ ପରାମର୍ଶ

କିଭ୍,୧୦।୧୦(ପି.ଏନ): ରୁଷ ଓ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ହୋଇ ଉଠିଛି। ୮ ତାରିଖରେ କ୍ରିମିଆ ବ୍ରିଜ୍? ଉପରେ ହୋଇଥିବା ବିସ୍ଫୋରଣର ବଦଳା ଆଜି ରୁଷ ମିଶାଇଲ ମାଡ କରି ନେଇଛି। ୟୁକ୍ରେନର ରାଜଧାନୀ କିଭ୍ ସମେତ ପ୍ରାୟ ସବୁ ସହରରେ ଆଜି ରୁଷ ୮୪ଟି କ୍ରୁଜ୍ ମିଶାଇଲ ମାଡ କରିଛି। ଏହି ମିଶାଇଲ ମାଡରେ ପ୍ରାୟ ୧୦ ଜଣଙ୍କ ଜୀବନ ଯାଇଥିବା ବେଳେ ୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ରୁଷର ମିଶାଇଲ ପାର୍କ, ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ଫୁଟବ୍ରିଜ୍? ଉପରେ ମାଡ ହେବାରୁ ଏଗୁଡିକ ଛିନଛତ୍ର ହୋଇଯାଇଛି। ଏଥିପାଇଁ ୟୁକ୍ରେନ ସରକାର ଦେଶବାସୀଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦେଇଛନ୍ତି। ସ୍ଥିତିକୁ ଦେଖି ଭାରତ ସରକାର ମଧ୍ୟ ୟୁକ୍ରେନରେ ଥିବା ନିଜ ଦେଶର ନାଗରିକଙ୍କୁ ଅଯଥା ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି ।ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ବର୍ତ୍ତମାନ ୟୁକ୍ରେନରେ ସୃଷ୍ଟି ହୋଇଥିବା ଭୟଙ୍କର ପରିସ୍ଥିତିକୁ ନେଇ ଭାରତ ସରକାର ଚିନ୍ତିତ। ଭାରତୀୟ ନାଗରିକଙ୍କୁ ବର୍ତ୍ତମାନ ସ୍ଥିତିରେ ୟୁକ୍ରେନକୁ ଓ ୟୁକ୍ରେନ ଭିତରେ ଅଯଥା ଯାତ୍ରା କରିବାକୁ ବାରଣ କରାଯାଉଛି। ସେମାନେ ୟୁକ୍ରେନ ସରକାର ଜାରି କରିଥିବା ସୁରକ୍ଷା ଗାଇଡଲାଇନକୁ କଡାକଡି ପାଳନ କରନ୍ତୁ। ଏଥିସହ ଭାରତୀୟ ଦୂତାବାସକୁ ସେମାନେ କେଉଁଠି ରହୁଛନ୍ତି, ତା'ର ସୂଚନା ମଧ୍ୟ ଦିଅନ୍ତୁ। ଦରକାର ପଡିଲେ ଦୂତାବାସ ଅଧିକାରୀ ଭାରତୀୟଙ୍କ ପାଖରେ ପହଞ୍ଚିବେ ବୋଲି ବିବୃତିରେ କୁହାଯାଇଛି ।ଫେବୃଆରୀ ୨୪ରୁ ୟୁକ୍ରେନ ଓ ରୁଷ ମଧ୍ୟରେ ଯୁଦ୍ଧ ଲାଗି ରହିଛି। ହେଲେ ଜୁନ୍? ଶେଷ ଭାଗରୁ ଏହି ଯୁଦ୍ଧର ତୀବ୍ରତା ହ୍ରାସ ପାଇଥିଲା। କିନ୍ତୁ ସୋମବାର ରୁଷ ତା'ର ଆକ୍ରମଣକୁ ଜୋରଦାର କରିଛି। ଅକ୍ଟୋବର ୮ରେ ମସ୍କ ? ଓ କ୍ରିମିଆକୁ ସଂଯୋଗ କରୁଥିବା ବ୍ରିଜ୍ ?ରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହା ପଛରେ ୟୁକ୍ରେନ ଥିବା ରୁଷ ଅଭିଯୋଗ କରିଛି। ଏଥିପାଇଁ ଆଜି ରୁଷ ସେନା ଆକାଶ, ସ୍ଥଳ ଓ ଜଳପଥରୁ ମିଶାଇଲ ମାଡ କରିଛନ୍ତି। ରୁଷର ମିଶାଇଲ ମାଡରୁ ଏଯାଏ ସୁରକ୍ଷିତ ଥିବା ୟୁକ୍ରେନ ରାଜଧାନୀ କିଭ୍? ମଧ୍ୟ ଆଜି ବିସ୍ଫୋରଣରେ ଥରି ଉଠିଛି। ଏଠାରେ ରୁଷ ୩ଟି ମିଶାଇଲ ଘନଘଡ ମାଡ କରିଥିବା ଜଣାପଡିଛି।

ରାସ୍ତାରେ ଅଳିଆ ଫିଙ୍ଗିଲେ ୫ ହଜାର ଫାଇନ୍

ଭୁବନେଶ୍ୱର, ୧୦।୧୦(ପି.ଏନ): ଏଣିକି ପଚା ପରିବା ଓ ବର୍ଜ୍ୟବସ୍ତୁ ରାସ୍ତାକୁ ଫିଙ୍ଗିଲେ ୫ ହଜାର ଜରିମାନା। ଏହାସହ ଅଳିଆକୁ ଅଲଗା ଅଲଗା ନ ପକାଇଲେ ୫ ଶହ ଟଙ୍କା ଜରିମାନା ହେବ ବୋଲି କହିଛନ୍ତି ବିଏମସି କମିଶନର। ସୋମବାର ୟୁନିଟ୍ -୧ ହାଟ ପରିଦର୍ଶନ ବେଳେ ବ୍ୟବସାୟୀମାନେ ଡଷ୍ଟବିନର ବ୍ୟବହାର ନକରି ରାସ୍ତା ଉପରେ ପଚାସଢା ପରିବା ପକାଉଥିବା ଦେଖିଥିଲେ । ରାସ୍ତାରେ ଅଳିଆ ପଡିବା ପରେ ଆହ୍ୱାନ ମୋତରେ ବିଏମସି କମିଶନର । ସମସ୍ୟାର ସମାଧାନ ପାଇଁ ବ୍ୟବସାୟୀ ସଂଘ ସହ ବୈଠକ ଡାକିଛନ୍ତି କମିଶନର ବିଜୟ ଅମୃତ କୁଲାଙ୍ଗେ। ଡଷ୍ଟବିନ ରଖିନଥିବା ବ୍ୟବସାୟୀଙ୍କୁ ୫ ହଜାର ଫାଇନ କାଟିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଏମସି କମିଶନର। ଏହାସହ ଅଳିଆ ପୃଥକୀକରଣ ନକଲେ ୫ ଶହ ଟଙ୍କା ଜରିମାନା ଗଣିବେ। ୧ ନମ୍ବର ହାଟ, ମାଷ୍ଟରକ୍ୟାଂଟିନ ଛକ, ଜନପଥ ରାସ୍ତା, ଅଶୋକନଗର ବୁଲିବା ପରେ ଏଭଳି କଡା ନିର୍ଦ୍ଦେଶ ଦେଇଛନ୍ତି ବିଏମସି କମିଶନର।

ଧାମନଗର ଉପନିର୍ବାଚନ, ରାଜ୍ୟସ୍ତରୀୟ ଦୁଇ ଦିନିଆ ପ୍ରଶିକ୍ଷଣ ଶେଷ, ଆଜି ବି ପ୍ରାର୍ଥୀପତ୍ର ଦାଖଲ ଶୂନ୍

ଭଦ୍ରକ, ୧୦।୧୦(ପି.ଏନ): ଏହି ଜିଲାର ଧାମନଗର ଉପନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ଗତକାଲି ଠାରୁ ଆରମ୍ଭ କରାଯାଇଥିବା ଦୁଇ ଦିନିଆ ପ୍ରଶିକ୍ଷଣ ଆଜି ଶେଷ ହୋଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପୂର୍ବାହ୍ନ ଅଧିବେଶନରେ ସେକ୍ଟର ଅଫିସର, ବିଭିନ୍ନ ସ୍ୱାଡ୍ ଦାୟିତ୍ୱରେ ଅଧିକାରୀ ଓ ନିର୍ବଚାନ ମଣ୍ଡଳୀ ସଂପୃକ୍ତ ବି.ଡ଼ି.ଓ., ତହସିଲଦାରମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଜାତୀୟସ୍ତରର ପ୍ରଶିକ୍ଷକ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତୃଘ୍ନ କର ଦୃଶ୍ୟ ଶ୍ରାବ୍ୟ ଫଳକ ଜରିଆରେ ବିଶେଷ କରି ମତଦାନ କାର୍ଯ୍ୟ ପରିଚାଳନା ନେଇ ସେକ୍ଟର ଅଫିସରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ବନ୍ଧରେ ବିସ୍ତାର ଭାବେ ବୁଝାଇଥିଲେ। ବୁଥ୍ ଗୁଡ଼ିକର ସର୍ବନିମ୍ନ ମୌଳିକ ସୁବିଧା ଉପଲବ୍ଧ ନେଇ ତଦନ୍ତ କରିବା, ବୁଥକୁ ରାସ୍ତା ସୁବିଧା ସମ୍ବନ୍ଧରେ ପ୍ରଶାସନକୁ ସୂଚନା ଦେବା, ମତଦାନ ପୂର୍ବରୁ ପୋଲିଂ ପାର୍ଟି ନିରାପଦରେ ବୁଥରେ ପହ୍ଚିବା, ଅବସ୍ଥାନ କରିବା, ମତଦାନ ଦିନ ବୁଥ୍ ର ସୁବିଧା ଅସୁବିଧା ଉପରେ ନିଜର ରଖି ତତ୍‌କାଳ ପଦକ୍ଷେପ ନେବା, ମତଦାନ ପରେ ପୋଲିଂ ଦଳ, ଇଭିଏମ୍ ଆଦି ନିରାପଦରେ ସଦରମହକୁମାରେ ପହ୍ଚିବା ଆଦି ଦିଗରେ ସେକ୍ଟର ଅଫିସରମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା । ନିର୍ବାଚନ ବ୍ୟୟ ପରିଚାଳନା, ଆଦର୍ଶ ଆଚରଣ ବିଧି ର କାର୍ଯ୍ୟକାରୀତା, ଆଇନ୍ ଶୃଙ୍ଖଳା ନେଇ ପୋଲିସ୍ ବ୍ୟବସ୍ଥା ଆଦି ଦିଗରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ସୂଚନା ଯୋଗ୍ୟକି ଏହି ଉପନିର୍ବାଚନରେ ଅବତୀର୍ଣ୍ଣ ପ୍ରାର୍ଥୀମାନେ ନିର୍ବାଚନୀ ପ୍ରଚାର ପ୍ରସାର ପାଇଁ ଖର୍ଚ୍ଚ ହିସାବ ପ୍ରଦାନ ପୂର୍ବକ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ଏହି ପ୍ରଶିକ୍ଷଣରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ରାମଦାସ ଗୁପ୍ତ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ । ଅପରାହ୍ନ ଅଧିବେଶନରେ ସେକ୍ଟର ଅଫିସର ମାନଙ୍କ ସହ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ମାନଙ୍କୁ ନେଇ ଦିନିକିଆ ପ୍ରଶିକ୍ଷଣ ର ବ୍ୟାବହାରିକ ଦିଗ ନେଇ ଆଲୋଚନା ପ୍ରଶ୍ନୋ ର ଓ ଇଭିଏମ୍ ଭିଭିପାଟ୍ ବ୍ୟବହାର କୌଶଳ ଅଭ୍ୟାସ କରାଯାଇଥିଲା । ଏହି ପ୍ରଶିକ୍ଷଣରେ ତାଲିମ ନେଇଥିବା ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କ ଦ୍ୱାରା ପୋଲିଂ କର୍ମଚାରୀମାନଙ୍କୁ ଆସନ୍ତା ୧୪,୨୨ ଓ ୨୮ ତାରିଖରେ ତାଲିମ ପ୍ରଦାନ କରାଯିବା ନେଇ ଜିଲ୍ଲାପ୍ରଶାସନ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି ।

ଓଆରଏଚଡିସି ଦୁର୍ନୀତି ମାମଲା:ମୋକିମଙ୍କୁ ମିଳିଲା ଜାମିନ୍

କଟକ, ୧୦।୧୦(ପି.ଏନ): ଓଆରଏଚଡିସି ଦୁର୍ନୀତି ମାମଲାରେ ମେଟ୍ରୋ ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡର ଏମଡି ତଥା କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କୁ ମିଳିଛି ସାମାନ୍ୟ ଆଶ୍ୱସ୍ତି । ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ହୋଇଥିବା ଦଣ୍ଡାଦେଶ ବିରୋଧରେ ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତାଙ୍କ ଜାମିନ ମଞ୍ଜୁର ହୋଇଛି। ୧ ଲକ୍ଷ ଟଙ୍କାର ୨ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ । ଏହାବ୍ୟତୀତ ତାଙ୍କ ଆବେଦନ

ଟି ଟାଇମ୍

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୁ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

ପୁରାଣ କାହାଣୀ

ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଗରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ

ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଲଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ

ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-

ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହ

ସାହିତ୍ୟ ସୃଷ୍ଟି ଓ ଆମର ଦାୟିତ୍ୱ

ସାହିତ୍ୟ ହେଉଛି ଜାତୀୟ ଜୀବନର ମୃତ୍ୟୁ ସଞ୍ଜିବନୀ। ମାନବ ଇତିହାସର ସୁଦୀର୍ଘ ପରମ୍ପରାରେ ସାହିତ୍ୟ ହିଁ ତାର ସର୍ବଶ୍ରେଷ୍ଠ ସମ୍ପତ୍ତି। ସଭ୍ୟତା ଓ ସଂସ୍କୃତିର ଉତ୍କର୍ଷ ସାହିତ୍ୟକୁ ନେଇ କଳନା କରାଯାଏ। ସାହିତ୍ୟ ହିଁ ସମାଜକୁ ପ୍ରଗତି ପଥରେ ଆଗେଇନେବା ପାଇଁ ଆଲୋକବର୍ତ୍ତିକା ଓ ଅବକ୍ଷୟୀ ସମାଜକୁ ଉଦ୍ଧାର କରିବା ନିମନ୍ତେ ରକ୍ଷାକବଚ ସଦୃଶ। ଏକଦା ଉତ୍କଳମଣି ଗୋପବନ୍ଧୁଙ୍କ ବାଣୀ- "ଜୀବନ ଥିବା ଯାଏଁ ପାତିବା ନାହିଁ ହାତ, ମଣିଷ ପରି ଦିନେ ମଣିଷ ହୋଇବାତ" ଝଙ୍କୃତ ହୋଇଥିଲା ସତ୍ୟବାଦୀର ବକୁଳବନରେ, ଛୁରାଅନା କୁଞ୍ଜରେ। ସେଠି ନଥିଲା ଆକର୍ଷଣୀୟ ତ୍ରିତଳ ପ୍ରାସାଦ, ନଥିଲା ସୌଖୀନ ଟେବୁଲ ଚେୟାର, ଆରାମଦାୟକ ଛାତ୍ରାବାସ ବା ବିରାଟ ପାଠାଗାର। କେବଳ ଥିଲା ସୁଷମାମଣ୍ଡିତ ସବୁଜ ବନାନୀ, ଶାନ୍ତ, ଶୀତଳ, ନିର୍ମଳ ପରିବେଶ ଓ ଥିଲେ କିଛି ଆଦର୍ଶ ଶିକ୍ଷକ। ଆଜି ଛାତ୍ରସମାଜ ବିଶୃଙ୍ଖଳିତ, ପରିବେଶ ପ୍ରଦୂଷିତ, ଶିକ୍ଷକମାନଙ୍କ ପାଖରୁ ହଜିଯାଇଛି ସେତେବେଳର ଆଦର୍ଶ, ତ୍ୟାଗ। ଭାଷାର ଭବିଷ୍ୟତ ମଧ୍ୟ ଦୋଦୁଲ୍ୟମାନ ଅବସ୍ଥାରେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମାନବ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ବିକାଶ ପାଇଁ ଏକମାତ୍ର ମହୌଷଧି ହେଲା ସତ୍ ସାହିତ୍ୟର ସୃଷ୍ଟି, ପଠନ, ପ୍ରସାର ଓ ପ୍ରୟୋଗ। ଜୀବନକୁ ସଜାଡ଼ିଦିଏ ସାହିତ୍ୟ, ସାହିତ୍ୟ ଭରିଦିଏ ଜୀବନରେ ରୂପ, ରସ, ରଙ୍ଗ ଓ ସୌରଭ। ଏ ସମ୍ବନ୍ଧରେ ଛୋଟ କାହାଣୀଟିଏ।

"ବସନ୍ତର ମୃଦୁ ମଳୟ। ଜଣେ ଅନ୍ଧ ଭିକାରୀ ରାସ୍ତା ଉପରେ ବସିଥିଲେ। ପାଦ ପାଖରେ ଥୁଆ ହୋଇଥିଲା ଟୋପିଟେ। ସାମ୍ନାରେ ଛୋଟିଆ ବୋର୍ଡ଼ରେ ଲେଖା ହୋଇଥିଲା-ମୁଁ କିଛି ଦେଖିପାରୁନି।

ସେ ଟୋପିରେ ଅଳ୍ପ କିଛି ଖୁଚୁରା ପଇସା ପଡ଼ିଥିଲା।

ଏଇ ସମୟରେ ଜଣେ ଲେଖକ ଚିନ୍ତିତ ଅବସ୍ଥାରେ ସେ ରାସ୍ତାରେ ଯାଉଥିଲେ। ସେ ସବୁ ଦୃଶ୍ୟ ଦେଖିଲେ। ସେ ଟୋପିରେ ଆଉ ଅଳ୍ପକିଛି ଖୁଚୁରା ପକେଇଲେ ଏବଂ ବୋର୍ଡ଼ରେ ଲେଖାହୋଇଥିବା ଶବ୍ଦ ବଦଳେଇ ଦେଇ ଚାଲିଗଲେ।

ସଂଜକୁ ସେ ଫେରିଲେ ଓ ଦେଖିଲେ ଟୋପିଟି ଖୁଚୁରା ପଇସାରେ ଭର୍ତ୍ତି ହୋଇଯାଇଛି।

ଭିକାରୀ ଜଣକ ପଚାରିଲା-ଆପଣ ସେଇ ମଣିଷ ଯିଏ ଲେଖା ବଦଳେଇ ଦେଇ ଯାଇଥିଲେ?

ଉତ୍ତର ଆସିଲା - ହଁ।

- କଣ ଲେଖିଥିଲେ ଆପଣ?

- ମୁଁ ଖାଲି ଶବ୍ଦ ମିଶେଇଥିଲି। ତୁମେ ଲେଖିଥିଲ ମୁଁ କିଛି ଦେଖିପାରୁନି। ମୁଁ ପରିବର୍ତ୍ତନ କରି ଲେଖିଲି - ଏ ସୁନ୍ଦର ବସନ୍ତ ଋତୁକୁ ମୁଁ ଦେଖିପାରୁନି। ବାସ୍।"

ଏ ସଂସାରରେ ସବୁଠାରୁ ସତ୍ୟନିଷ୍ଠ, ନିର୍ଭୀକ ଓ ସମାଜ ସଂସ୍କାରକ ଯଦି କିଏ ଥାଏ, ସିଏ ହେଲା ସାହିତ୍ୟିକଟିଏ, କବିଟିଏ। ସେଥିପାଇଁ କୁହାଯାଇଛି, "ଅପାରେ କାବ୍ୟ ସଂସାରେ, କବିରେ ପ୍ରଜାପତିଃ"। ମୁଁ ଅନୁଭବ କରିପାରୁଛି ପିଲାମାନଙ୍କ ଦ୍ୱାରା ପ୍ରଦତ୍ତ ଓ ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକର ମାନ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗୁଛି। ପିଲାମାନଙ୍କ ଭିତରେ ଏହି ଲେଖାଲେଖି କରିବାର କଳାଟି ସଦା ଜାଗ୍ରତ ହୋଇ ରହିବା ଆବଶ୍ୟକ। ଗୋଟିଏ ଦୁଇଟି ଲେଖାରେ ସନ୍ତୁଷ୍ଟ ହୋଇଗଲେ ଆଉ ଆଗକୁ ବଢ଼ିବାର ସ୍ପୃହା ଆସିବ କୁଆଡୁ? ମହାତ୍ମାଗାନ୍ଧୀ କହିଥିଲେ- "Satisfaction lies inthe effort, not in the attainment. Full effort is full victory."

ସ୍ୱାମୀ ବିବେକାନନ୍ଦ ଚିକାଗୋ ବିଶ୍ୱ ଧର୍ମ ସମ୍ମିଳନୀରେ କହିଥିଲେ, "ଗୋଟିଏ କୂଅରେ ଛୋଟ ବେଙ୍ଗଟିଏ ରହୁଥିଲା। ସେ ସେଠାରେ ଜନ୍ମହୋଇ ବଢ଼ିଥିଲା। କୂଅପାଣିରେ ଜୀବାଣୁ, କୀଟ ଆଦି ଭକ୍ଷଣ କରି ବେଙ୍ଗଟି ଆରାମରେ ମୋଟା ହୋଇ ବଢ଼ିଥିଲା। ଦିନେ ହଠାତ୍ ଆଉ ଗୋଟିଏ ବେଙ୍ଗ ଆସି କୂଅରେ ପଡ଼ିଗଲା। ଏହି ବେଙ୍ଗଟି ସମୁଦ୍ରରୁ ଆସିଥିଲା। ପ୍ରଥମ ବେଙ୍ଗଟି ଦ୍ୱିତୀୟ ବେଙ୍ଗକୁ ପଚାରିଲା - ତୁମେ କେଉଁଠାରୁ ଆସିଛ? ଦ୍ୱିତୀୟ ବେଙ୍ଗଟି କହିଲା - ମୁଁ ସମୁଦ୍ରରୁ ଆସିଛି। ପ୍ରଥମ ବେଙ୍ଗଟି କହିଲା-ସମୁଦ୍ର, ସେଇଟା କ'ଣ? ଆମର ଏଇ କୂଅଠାରୁ ମଧ୍ୟ ବଡ଼ କି? ଏହା କହି ପ୍ରଥମ ବେଙ୍ଗଟି କୂଅର ଗୋଟିଏ ପାଖରୁ ଆର ପାଖକୁ ଡେଇଁପଡ଼ି ପଚାରିଲା-ତମର ସମୁଦ୍ର କ'ଣ ଆମର ଏତେବଡ଼ କୂଅଠୁ ଆହୁରି ବଡ଼? ସମୁଦ୍ର ବେଙ୍ଗଟି ହସିଦେଇ କହିଲା-ତୁମେ କ'ଣ କହୁଛ? ଏହି ଛୋଟିଆ କୂଅଟିକୁ ସମୁଦ୍ର ସଙ୍ଗେ କିପରି ତୁଳନା କରୁଛ? ଏଇଟା ପାଗଳାମୀ ଛଡ଼ା କିଛି ନୁହେଁ। ଏଥିରେ କୂପ ମଣ୍ଡୁକ ରାଗିଯାଇ କହିଲା-ଏହି ବେଙ୍ଗଟା ମିଥ୍ୟାବାଦୀ। ଆମର କୂଅଠାରୁ କିଛି ବଡ଼ ହୋଇପାରିବ ନାହିଁ। ଏହି ମିଥ୍ୟାବାଦୀ ବେଙ୍ଗକୁ ଚାଲ ବାହାର କରି ତଡ଼ିଦେବା।

ତା'ପରେ ସ୍ୱାମିଜୀ କହିଲେ - ଏହା ହେଉଛି ଆମର ସମସ୍ୟା। ମୁଁ ଜଣେ ହିନ୍ଦୁ। ମୁଁ ମୋର ଛୋଟିଆ କୂଅଟିରେ ବସି ଭାବୁଛି ସେଇଟା ହିଁ ସମଗ୍ର ପୃଥିବୀ। ଜଣେ ମୁସଲମାନ ତାର ମୁସଲମାନ କୂଅରେ ବସି ଭାବୁଛି ଯେ ତାର କୂଅଟି ହିଁ ସମଗ୍ର ପୃଥିବୀ। ତା'ପରେ ସ୍ୱାମିଜୀ ତାଙ୍କର ବଜ୍ରଗମ୍ଭୀର ସ୍ୱରରେ ଆମେରିକାବାସୀଙ୍କୁ ଧନ୍ୟବାଦ ଜଣାଇ କହିଲେ ଯେ ଏହିପ୍ରକାର ସୀମିତ, ସଂକୀର୍ଣ୍ଣ ମନୋଭାବର ଊର୍ଦ୍ଧ୍ୱକୁ ଯାଇ ଆମେ ସମସ୍ତେ ଅନନ୍ତ ପରମେଶ୍ୱରଙ୍କ ପ୍ରେମରେ ବୁଡ଼ିଯାଇ ସବୁପ୍ରକାର ବିଭେଦତା, ବିଭିନ୍ନତାକୁ ଭାଙ୍ଗିଦେଇ ଏକ ମହାନ୍ ଆଧ୍ୟାତ୍ମିକ ସ୍ରୋତରେ ମିଳିତ ହୋଇ ଭଗବାନଙ୍କ ନିକଟକୁ ଆଗେଇ ଚାଲିବା। ସମଗ୍ର ମାନବ ସମାଜକୁ ସୁଖ, ଶାନ୍ତି ଏବଂ ସହାବସ୍ଥାନରେ ରହିବା ପାଇଁ ପ୍ରଭୁ ନିଶ୍ଚୟ ସାହାଯ୍ୟ କରିବେ।"

ଠିକ୍ ସେହିପରି ସାମ୍ପ୍ରତିକ ସମାଜର ଲେଖକ, ଲେଖିକାମାନେ ସାହିତ୍ୟ ଭଣ୍ଡାରରେ ଭରପୂର ଥିବା ଲେଖାଗୁଡ଼ିକ ଭିତରୁ ବାଛି ବାଛି ଭଲ ଲେଖାଗୁଡ଼ିକୁ ପଢ଼ିବା, ତାର ସାରାଂଶକୁ ଗ୍ରହଣ କରିବା ଓ ପ୍ରଶଂସା କରିବା ଅତ୍ୟାବଶ୍ୟକ। ଏହା ସାହିତ୍ୟିକ ବନ୍ଧୁଙ୍କୁ ବହୁମାତ୍ରାରେ ପ୍ରଭାବିତ କରିଥାଏ ଓ ତାଙ୍କ ଲେଖନୀକୁ ଆହୁରି ଶକ୍ତ ଓ ସମୃଦ୍ଧ କରିଥାଏ।

ବିକ୍ରମାଦିତ୍ୟଙ୍କ ରାଜସଭାରେ ଶ୍ରେଷ୍ଠ ପଣ୍ଡିତ କାଳିଦାସ ଥରେ ଦକ୍ଷିଣ ଭାରତ ଭ୍ରମଣରେ ଯାଇ କର୍ଣ୍ଣାଟକ ରାଜ୍ୟରେ ଉପସ୍ଥିତ ହେଲେ। କର୍ଣ୍ଣାଟକ ରାଜା ତାଙ୍କୁ ଯଥାରୀତି ଆଦର ଅଭ୍ୟର୍ଥନା ସହକାରେ ରଖିଲେ। ସେଦିନ ସନ୍ଧ୍ୟାରେ ସେଠାକାର ପ୍ରଖ୍ୟାତ କବି ବଲ୍ଲନ କାଳିଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରନ୍ତେ କାଳିଦାସ ତାଙ୍କୁ କବିତା ରଚନାର ପଦ୍ଧତି ଶିଖାଇଦେବା ନିମନ୍ତେ ବିନମ୍ର ନିବେଦନ କଲେ। ବଲ୍ଲନ କହିଲେ କବିତାରେ ସାଧାରଣତଃ ଚାରୋଟି ଚରଣ ଥାଏ, କିଛି ରସ ଥାଏ, ଏକ ବା ଏକାଧିକ କ୍ରିୟାପଦ ଥାଏ। କାଳିଦାସ ତତ୍କ୍ଷଣାତ୍ ଉତ୍ତର ଦେଲେ ମୁଁ ଗୋଟିଏ କବିତା ରଚନା କରୁଛି। ପରୀକ୍ଷା କରି ଦେଖନ୍ତୁ। ମୋ କବିତାଟି ହେଲା 'ଦୁଗ୍ଧଂ ପିବତି ବିଡ଼ାଳଃ।' ବଲ୍ଲନ ପଚାରିଲେ ଏହା କବିତା ହେଲା କିପରି? କାଳିଦାସ ଉତ୍ତର ଦେଲେ ଆପଣଙ୍କ ଫର୍ମୁଲା ଅନୁସାରେ ସବୁପ୍ରକାର ମସଲା ଦେଇ କବିତା ରଚନା କରାଯାଇଛି। ମୋ କବିତାର ଅର୍ଥ ହେଲା ବିଲେଇ କ୍ଷୀର ପିଉଛି। ବିଲେଇର ଚାରୋଟି ଚରଣ ଅଛି। ଦୁଗ୍ଧ ହେଲା ଏକ ରସ। 'ପିବତି' ହେଲା କ୍ରିୟାପଦ। ଠିକ୍ ଅଛି ତ? ବଲ୍ଲନ ଦେଖିଲେ ଏହି ପ୍ରତ୍ୟୁତ୍ପନ୍ନମତି ମହାକବିଙ୍କ ବିଷୟରେ ସେ ଯାହାସବୁ ଶୁଣିଥିଲେ ସେସବୁ ନିରାଟ ସତ୍ୟ। ସେ ଅଧିକ ଯୁକ୍ତିତର୍କ ନ କରି ସେଠାରୁ ପଳାୟନ କଲେ।

ଏହି ଗଳ୍ପଟି ଏଠାରେ ବର୍ଣ୍ଣନା କରାଯିବାର ଉଦ୍ଦେଶ୍ୟ ହେଲା, ପିଲାମାନେ ଅନେକ ଭାବିଚିନ୍ତି ଅନେକ ଗଳ୍ପ, କବିତା, ପ୍ରବନ୍ଧ ଆଦି ପଢ଼ି ଧୀରେ ଧୀରେ ଉତ୍କୃଷ୍ଟ ମାନର ସାହିତ୍ୟ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତୁ। ସାହିତ୍ୟକୁ, କଳାକୁ ଭଲ ପାଉଥିବା ମଣିଷଟିଏ ସବୁବେଳେ ଗୋଟିଏ ସତ୍ ମଣିଷ। ସେ କେବେ ବିଶୃଙ୍ଖଳିତ ହୋଇପାରେନା। ଆସନ୍ତୁ ସମସ୍ତେ ମିଶି ଆମ ମହାବିଦ୍ୟାଳୟକୁ ସଜାଡ଼ିଦେବା, ଆମ ସାହିତ୍ୟକୁ, ଆମ ମାତୃଭାଷାକୁ ଓ ଆମ ମାତୃଭୂମିକୁ ପ୍ରାଣଭରି ଭଲ ପାଇବା।

ଆଜି 'ପ୍ରିୟମ୍ବଦା' ପ୍ରକାଶ ପାଇବା ଅବସରରେ ମୁଁ ପ୍ରଥମେ ସମ୍ପାଦନା ମଣ୍ଡଳୀକୁ ସେମାନଙ୍କର ପୂର୍ଣ୍ଣ ସହଯୋଗ ପାଇଁ କୃତଜ୍ଞତା ଜଣାଉଛି। ସର୍ବୋପରି ଅଧ୍ୟକ୍ଷ ମହୋଦୟଙ୍କ ପ୍ରେରଣା ଓ ସମସ୍ତ ଛାତ୍ରଛାତ୍ରୀଙ୍କ ଉତ୍ସାହ ତଥା ପ୍ରେସ୍‌ର କର୍ମଚାରୀଙ୍କ ସହଯୋଗ ଲାଗି ସେମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି। ଏହି ପତ୍ରିକାଟିକୁ ଋଦ୍ଧିମନ୍ତ କରିବା ପାଇଁ ଯେଉଁ ମହାନ୍ ବ୍ୟକ୍ତିବିଶେଷ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛାର ହାତ ବଢ଼ାଇଛନ୍ତି, ସେମାନଙ୍କୁ ମୁଁ ମହାବିଦ୍ୟାଳୟ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି। ତ୍ରୁଟିହୀନ ସୃଷ୍ଟି ବିରଳ। ଯଦି ଅଜାଣତରେ କେଉଁଠି କିଛି ତ୍ରୁଟି ରହିଯାଇଥାଏ, ମୋର ଅନୁରୋଧ, ସେଥିପାଇଁ ପାଠକବନ୍ଧୁ ବିନମ୍ରତାର ସହ କ୍ଷମା କରିବେ। ପରିଶେଷରେ ଏ ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ନମସ୍କାର!

—ଡ. ପ୍ରତିଭା ମହାରଥୀ
ଅଧ୍ୟାପିକା, ମନସ୍ତତ୍ତ୍ୱ ବିଭାଗ

ବୁଝୁ ନବୁଝୁ ପଢ଼ ଗୀତା, ରୁଚୁ ନ ରୁଚୁ ଖା' ପିତା !

ପ୍ରଦୀପ୍ତ କୁମାର ଜେନା

ଶ୍ରୀମଦ୍ ଭଗବତ୍ ଗୀତା ଭଗବାନଙ୍କ ମୁଖନିଃସୃତ ବାଣୀ। ବ୍ୟାସଦେବଙ୍କ ରଚିତ ସଂସ୍କୃତ ମହାଭାରତ ଭୀଷ୍ମପର୍ବର ଅଂଶବିଶେଷ। ଏହାକୁ ଗୀତ ଆକାରରେ ରଚନା କରାଯାଇଥିବାରୁ ଗୀତୋପନିଷଦ ବୋଲି ମଧ୍ୟ କୁହାଯାଏ। ଭଗବତ୍ ଗୀତା ସମସ୍ତ ବେଦ, ଉପନିଷଦର ସାରନିର୍ଯ୍ୟାସ। ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଅର୍ଜୁନ ତାଙ୍କ ପ୍ରତିପକ୍ଷ ଯୋଦ୍ଧାମାନଙ୍କ ଭିତରେ ଗୁରୁ ଦ୍ରୋଣାଚାର୍ଯ୍ୟ, ପିତାମହ ଭୀଷ୍ମ ଏବଂ ତାଙ୍କର ବନ୍ଧୁ ଓ ପ୍ରିୟଜନମାନଙ୍କୁ ଦେଖିବା ପରେ ସେ ବିଷାଦିତ ଓ ମୋହଗ୍ରସ୍ତ ହୋଇପଡିଛନ୍ତି। ତାଙ୍କ ଭିତରେ ଦୁର୍ବଳତା ଦେଖାଦେଇଛି ଓ ସେ ନିଜର କର୍ତ୍ତବ୍ୟରୁ ଓହରି ଆସି ଯୁଦ୍ଧ ନକରିବା ଉଦ୍ଦେଶ୍ୟରେ ଗାଣ୍ଡିବକୁ ତଳେ ଥୋଇ ଦେଇଛନ୍ତି। ଭଗବାନ କର୍ତ୍ତବ୍ୟଚ୍ୟୁତ ଅର୍ଜୁନଙ୍କ ମନରେ ଥିବା ଭୟ, ଭ୍ରମ ଓ ଉଙ୍କି ମାରୁଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇ, ଏପରିକି ତାଙ୍କର ଧର୍ମ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇ ପୁନଃ ଯୁଦ୍ଧ ପାଇଁ ପ୍ରସ୍ତୁତ କରାଇଥିଲେ। ଭଗବାନ ଓ ଅର୍ଜୁନଙ୍କ କଥୋପକଥନକୁ ବ୍ୟାସଦେବ ୧୮ଟି ଅଧ୍ୟାୟରେ ଭୀଷ୍ମପର୍ବରେ ସ୍ଥାନିତ କରିଛନ୍ତି; ଯାହାକୁ ଭଗ୍‌ବତ ଗୀତା କୁହାଯାଏ। ଜୀବ ଏହି ସଂସାରରୂପକ ମାୟବନ୍ଧନରୁ କିଭଳି ମୁକ୍ତି ପାଇବ, ତାହାର କ'ଣ କରିବା ଉଚିତ ଓ କ'ଣ ଅନୁଚିତ୍ ସେ ଭଗବାନଙ୍କ ପାଖରୁ ଜାଣିବାକୁ ଇଚ୍ଛା କରିଛି। ସେଥିପାଇଁ ଗୀତା ପ୍ରତ୍ୟେକ ମଣିଷ ପାଇଁ ଏକ ଅମୂଲ୍ୟ ରତ୍ନ। ଯୁଦ୍ଧ ହେବାର ୧୦ ଦିନ ପରେ ଯେତେବେଳେ ପିତାମହ ଭୀଷ୍ମ ଶରଶଯ୍ୟାରେ ଯୁଦ୍ଧକ୍ଷେତ୍ରରେ ଶୋଇଯାଇଛନ୍ତି ଓ କୌରବ ମାନଙ୍କର ଯୁଦ୍ଧରେ ଜୟଲାଭ କରିବାର ଆଶା ମଉଳିଯାଇଛି, ସେହି ସମୟରେ ସଞ୍ଜୟ ନିଜର ଦିବ୍ୟଦୃଷ୍ଟି ବଳରେ ଯୁଦ୍ଧକ୍ଷେତ୍ରର ସମସ୍ତ ବିବରଣୀ ଧୃତରାଷ୍ଟ୍ରଙ୍କ ନିକଟରେ ବର୍ଣ୍ଣନା କରିଛନ୍ତି। ଏହା ଏକ ପବିତ୍ର ଧର୍ମଗ୍ରନ୍ଥ ଓ ସମଗ୍ର ମାନବଜାତିର ସମ୍ବିଧାନ। ଏହାକୁ ଏକ ଆଧ୍ୟାତ୍ମିକ ବିଜ୍ଞାନ କୁହାଯାଏ। ଭଗବାନ ଅର୍ଜୁନ ମାଧ୍ୟମରେ ସମଗ୍ର ଜୀବଜଗତକୁ ଏକ ଶୃଙ୍ଖଳିତ ନୀତିନିଷ୍ଠ ଜୀବନଯାପନ କରିବା ସହିତ ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ଓ

କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ଜୀବ ଭଗବାନଙ୍କ ଅଂଶବିଶେଷ। ଭଗବାନ ପ୍ରତ୍ୟେକ ଜୀବ ଭିତରେ ଆତ୍ମା ରୂପରେ ଅବସ୍ଥାନ କରୁଛନ୍ତି। ଜୀବର ଏକମାତ୍ର ଲକ୍ଷ୍ୟ ହେଉଛି ପରମାତ୍ମାଙ୍କ ସହିତ ଯୋଗହେବା। ଭଗବାନଙ୍କ ସହିତ ଯୋଗହେବା ପାଇଁ ମଣିଷ କ'ଣ କରିବା ଉଚିତ ଓ କ'ଣ ଅନୁଚିତ, ସେହି ଗୂଢତତ୍ତ୍ୱ ଗୀତାରେ ଭଗବାନ ପ୍ରତ୍ୟେକ ମଣିଷଙ୍କୁ ଅର୍ଜୁନ ମାଧ୍ୟମରେ ଉପଦେଶ ଦେଇଛନ୍ତି। ମଣିଷ ଯଦି ତା'ର କର୍ମ ଓ କର୍ତ୍ତବ୍ୟ ପ୍ରତି ସଚେତନ ନହୁଏ ସେ ବାରମ୍ବାର ଭିଭିନ୍ନ ଯୋନିରେ ଜନ୍ମ ନେଇ ମାୟା ବନ୍ଧନରେ ବାନ୍ଧି ହୋଇ ଦୁଃଖ ଯନ୍ତ୍ରଣା ଭିତରେ କାଳାତିପାତ କରିବ। ମଣିଷ ତା' ଜୀବନର ପ୍ରକୃତ ମୂଲ୍ୟ ବୁଝିବା ପାଇଁ, ସେ କିଏ ଓ ଏ ପୃଥିବୀକୁ କାହିଁକି ଆସିଛି, ତା'ର କ'ଣ କରିବା ଉଚିତ ଓ କ'ଣ ଅନୁଚିତ, ମୃତ୍ୟୁ ପରେ ସେ କୁଆଡେ ଯିବ, ତା'ର ପୁନର୍ଜନ୍ମ ଅଛି କି ନାହିଁ ଓ ସେ ତା'ର କର୍ମଫଳ ଭୋଗ କରିବ କି ନାହିଁ ଇତ୍ୟାଦି ଜାଣିବା ପାଇଁ ଗୀତାପାଠ କରିବା ଅତ୍ୟନ୍ତ ଜରୁରୀ। ପୁରୁଷକୁ ପୁରୁଷୋତ୍ତମ ହେବାରେ ଓ ମଣିଷରୁ ଦେବତା ହେବାକୁ ଗୀତା ପ୍ରେରଣା ଦେଇଥାଏ। ମନରେ ଏକାଗ୍ରତା, ଇନ୍ଦ୍ରିୟ ସଂଯମତା, ପ୍ରାଣାୟାମ, ବ୍ରହ୍ମଚର୍ଯ୍ୟ ପାଳନ, ଯୋଗାଭ୍ୟାସ, ସଦ୍‌ଗୁରୁ ଗ୍ରହଣ ଆଦି ଦିଗ ପ୍ରତି ଗୁରୁତ୍ୱ ଦେଲେ ଜଣେ ଛାତ୍ର ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ସହିତ ପାଠପଢ଼ାରେ ମନୋନିବେଶ କରିପାରିବ। ସେ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ। ଭୌତିକ ଓ ଆଧ୍ୟାତ୍ମିକ ଶିକ୍ଷା ଫଳରେ ଜଣେ ଛାତ୍ର ଜଣେ ଭଲ ମଣିଷ ଭାବେ ନିଜକୁ ଗଢି ତୋଳିପାରିବ। ଖାଲି ଭଲ ଡାକ୍ତର କିମ୍ବା ଇଞ୍ଜିନିୟର ହେଲେ ଜଣେ ଭଲ ମଣିଷ ହୋଇପାରିବ ନାହିଁ। ଲାଡେନ ଜଣେ ଇଞ୍ଜିନିୟର ଥିଲା ଓ ୟାକୁବ ମେନନ୍ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ଥିଲା। ହେଲେ ସେମାନେ ଆତଙ୍କବାଦୀ ଥିଲେ। ଆଧ୍ୟାତ୍ମିକ ଜ୍ଞାନ ବିନା ଜଣେ ଭଲ ମଣିଷ ହୋଇପାରିବ ନାହିଁ। ଏହି ଭବାର୍ଣ୍ଣବରୁ ଉଦ୍ଧାର ପାଇବା ପାଇଁ ଭଗବାନ ଗୀତାରେ ତିନିଗୋଟି ଉପାୟ ଯଥା: ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗର ଅବତାରଣା କରିଛନ୍ତି। ଏହି ତିନିଗୋଟି ଉପାୟ ମଧ୍ୟରେ ଭଗବାନ ଭକ୍ତିଯୋଗକୁ ଶ୍ରେଷ୍ଠ ଯୋଗ ଭାବେ ବିବେଚନା କରିଛନ୍ତି। କଳିଯୁଗର ଅଳ୍ପାୟୁଷ ମାନବ ପକ୍ଷରେ ଜ୍ଞାନଯୋଗ ଓ କର୍ମଯୋଗ ଦ୍ୱାରା ଭଗବତ୍ ପ୍ରାପ୍ତି ସହଜ ଓ ସୁଗମ ନୁହେଁ। କେବଳ ନିଷ୍କାମ ବା ଐକାନ୍ତିକ ଭକ୍ତି ମାଧ୍ୟମରେ ଭଗବାନଙ୍କୁ ପାଇବା ସହଜ। ଆସନ୍ତୁ ଆମ୍ଭେ ନିଜକୁ ସେହି ପରମକାରୁଣିକ ଭଗବାନଙ୍କ ପାଦପଦ୍ମରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେବା। ସେ ନିଶ୍ଚିତ ଆମ୍ଭଙ୍କୁ ଏହି ଭବସାଗରରୁ ଉଦ୍ଧାର କରିବାର ମାର୍ଗ ଦର୍ଶନ କରିବେ।

-ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ,
କଲ୍ୟାଣୀନଗର, କଟକ,
ମୋ: ୮୨୪୯୨୮୧୫୬୭

ଉତ୍କଳମଣି ଓ ଗଣକବିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର (ପିଏନ୍): ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉପଲକ୍ଷେ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜନ୍ମଦିନ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସେବା ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିବା ସହିତ ଭାଷା ସାହିତ୍ୟର ଉନ୍ନତି ପାଇଁ ଗଣକବିଙ୍କ ଅବଦାନକୁ ମନେପକାଇଥିଲେ। ମାଲ୍ୟାର୍ପଣ ସଭାରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ସୁବ୍ରତ କୁମାର ମହାପାତ୍ର, ମହେଶ୍ୱର ବିଶ୍ୱାଳ, ପ୍ରତାପ କୁମାର ନନ୍ଦ, ଅକ୍ଷୟ କୁମାର ଜେଠୀ, ପ୍ରକାଶ କୁମାର ସାମଲ, ନିରଂଜନ ପାତ୍ର, ରଜନୀକାନ୍ତ ପରିଡା, ସୁ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୧୧

ସୁଖଶାନ୍ତି ଆନନ୍ଦର ମହୌଷଧି ସ୍ୱସ୍ତ୍ୟୟନୀ ବ୍ରତ



'ସାଧକ ଭୁଲିଲେ ଯିବ ଥକି, ଜ୍ଞାନି ନ ସ୍ମରିଲେ ଦେଶ ଜାତି' – ପରମ ପୁରୁଷ ଠାକୁର ଅନୁକୂଳଚନ୍ଦ୍ର ମାର୍ଗଦର୍ଶନ କରି ଦେଶ ଜାତି ଜଣାଇଛନ୍ତି ସାଧନା ହେଉଛି ବିଗ୍ରହ ଶ୍ରୀ ଶ୍ରୀ ଠାକୁରଙ୍କୁ ନିଜ ଜୀବନଚର୍ଯ୍ୟାରେ ଗ୍ରହଣ କରି ଇଷ୍ଟଭୃତି ପରାୟଣ ହେବା। ସାଧନାର ପଥ ନନ୍ଦିଘୋଷ ଶିଷ୍ଟାଚାର ବିଧି ଲୁପ୍ତ ହେବ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଶିଷ୍ଟାଚାର ଓ ସାଧକମାନଙ୍କୁ ପାଇଁ ତାଙ୍କ ସମ୍ଭାଷଣରେ ଦୀକ୍ଷା ଗ୍ରହଣ ଦ୍ୱାରା କଲ୍‌କୀ ପରମ ପୁରୁଷ ଇଷ୍ଟରୂପେ ଯଜନ, ଯାଜନ ଓ ଏହି ସାଧନ ଶକ୍ତିର ସଫଳତା ନିର୍ଭର କରେ କୃପାଭିକ୍ଷୁ ମାନଙ୍କ ଇଷ୍ଟଭୃତିର ପରମ ଆଦର୍ଶ ସହିତ। ପ୍ରତ୍ୟେକ ସତ୍‌ସଙ୍ଗରେ ନାମ, ଧ୍ୟାନ, ପ୍ରାର୍ଥନା, ସତ୍‌ସଙ୍ଗ, ଆନନ୍ଦ ବଜାର ସହ ଯଜନ, ଯାଜନ ଓ ଇଷ୍ଟଭୃତି ଅତ୍ୟନ୍ତ ପ୍ରୟୋଜନୀୟ। ଏହା କାଳ କାଳ ପାଇଁ ସତ୍ୟ ସ୍ୱସ୍ତ୍ୟୟନୀ ବ୍ରତ ଧାରୀ ବାସ୍ତବ ସାଧନ ଜୀବନ ଯାପନ କରୁଥିବା ଓ ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚାର ପାଳନ କରୁଥିବା ବ୍ୟକ୍ତି ଯେ କୌଣସି ତଥାକଥିତ ସାଧକଙ୍କ ଠାରୁ ଉଚ୍ଚତର ତଥା ଉନ୍ନତ ଜୀବନର ଅଧିକାରୀ ହୋଇ ଉଠନ୍ତି।

ପାଞ୍ଚଟି ନୀତିର ଆଧାରରେ ସ୍ୱସ୍ତ୍ୟୟନୀ ବ୍ରତର ସଂକଳ୍ପ ରହିଛି। ତେଲ ଲୁଣ ସଂସାର ଭିତରେ ଜୀବନ ତମାମ ଏହି ବ୍ରତକୁ ନିଜ ଜୀବନର ଧର୍ମ, କର୍ମ ଭାବି ନିର୍ବାହ କଲେ ସମସ୍ତ ପ୍ରକାର ଉନ୍ନତିର ପଥ ଉନ୍ମୁକ୍ତ ହୋଇଥାଏ। ଏହି ଶ୍ରେଷ୍ଠ ବ୍ରତ ପାଳନ ଦ୍ୱାରା ଜଣଙ୍କର କେବଳ ମୁକ୍ତି ସମ୍ଭବ ତାହା ନୁହେଁ ବରଂ ପରିବାର, ସମାଜ ଓ ସମଷ୍ଟି ତଥା ରାଷ୍ଟ୍ରର ମୁକ୍ତି ମଧ୍ୟ ସୁନିଶ୍ଚିତ। ଯୁଗସ୍ରଷ୍ଟା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱସ୍ତ୍ୟୟନୀ ବ୍ରତ ଦୁଇଟି ଶବ୍ଦକୁ ନେଇ ତିଆରି ହୋଇଛି। ପ୍ରଥମଟି ହେଉଛି 'ସ୍ୱସ୍ତୟନୀ' ଓ 'ବ୍ରତ' ଯାହାର ଭାବାର୍ଥ ହେଉଛି (ସୁ+ଅସ୍ତି+ଅୟନ) ଅର୍ଥାତ୍ ଯଥାର୍ଥ ଭାବେ ବଞ୍ଚି ରହିବାର ଦିବ୍ୟ ପଥ। ଅର୍ଥାତ୍ ଆମ ଜୀବନର 'ସ୍ୱସ୍ତି' ବା ଶାନ୍ତି ଆସିଥାଏ। ସ୍ୱସ୍ତ୍ୟୟନୀ ବ୍ରତ, ବ୍ରତଚାରୀଙ୍କୁ ତାର ସମସ୍ତ ବିପଦକୁ ନଷ୍ଟ କରିବା ସହ ସାମଗ୍ରୀକ ଭାବେ ତାଙ୍କୁ ଉନ୍ନତି ପଥର ରାସ୍ତା ଦେଖାଇବା। ଯଥାର୍ଥରେ ଆଲୋଚନା ପ୍ରସଙ୍ଗର ପ୍ରଥମ ଭାଗରେ ଲିଖିତ ଅଛି 'ସ୍ୱସ୍ତ୍ୟୟନୀ ପାଳେନା, ଉନ୍ନତିତେ, ଚଳେନା'। 'ସ୍ୱସ୍ତ୍ୟୟନୀ ମୁକ୍ତି ଆଣେ, ରାଷ୍ଟ୍ର ସହ ପ୍ରତି ପ୍ରାଣେ'। ସ୍ୱସ୍ତ୍ୟୟନୀ ହେଉଛି ଜଣଙ୍କର ଦାରିଦ୍ର୍ୟ ବ୍ୟାଧିର ମହୌଷଧି। ସର୍ବୋପରି ଦେଶ ଓ ଜାତି ପକ୍ଷରେ ଏହା ଏକ ମହାନ ଅସ୍ତ୍ରସ୍ୱରୂପ। ଅନୁସୂତୀ ପ୍ରଥମ ଖଣ୍ଡରେ ଉଲ୍ଲେଖ ଅଛି 'ଦାରିଦ୍ର୍ୟ ବ୍ୟାଧି କରତେରେ ଦୂର, ସ୍ୱସ୍ତ୍ୟୟନୀର ଅସ୍ତ୍ର ଜାତିର ଆଘାତ ଅପନୋଦନେ ଐଟିଇ ମହାଶସ୍ତ୍ର'। 'ଦାରିଦ୍ର୍ୟ ଆର୍ ଦୁର୍ବିପାକେ ଯତଇ ନା ହୋକ୍ ଲାଞ୍ଛନା ନିଖୁଁତ୍ ଭାବେ କରତେ ଥାକ୍ ତୁଇ, ସ୍ୱସ୍ତ୍ୟୟନୀର ସାଧନା, ଆପଦ ବିପଦ ଗଲେ ଗିୟେ, ଦେଖିସ ସୁଫଳ ଆନ୍‌ବେ ଡାକି, ପରାକ୍ରମଟି ଫୁଟବେ ଉଠେ, ସୁସମ୍ଭାର ସକଳ ଡାକି।'

୧୯୩୭ ମସିହାରେ ଅବତାର ପୁରୁଷ କଲ୍‌କୀ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସର୍ବପ୍ରଥମେ ମଣିଷ ସମାଜର ମଙ୍ଗଳ ସାଧନ ପାଇଁ ପାଞ୍ଚୋଟି ନୀତିକୁ ନେଇ ସ୍ୱସ୍ତ୍ୟୟନୀ ବ୍ରତ ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀ ଠାକୁର ମାର୍ଗଦର୍ଶନରେ କହିଛନ୍ତି 'ଇଷ୍ଟଭୃତି ଜିନିଷଟି ଆଗେଥିଲା, ସ୍ୱସ୍ତ୍ୟୟନୀ ମୁଁ ଠିକ୍ ଠାକ୍ କରି ଦେଇଛି। ସ୍ୱସ୍ତ୍ୟୟନୀର ସ୍ୱରୂପ ଟା ଦେଇଛି, ଏହା ସେ ଦିଗକୁ ନୂତନ। ଆଗେ ଥିଲେ ମଧ୍ୟ ବୁଝା ପଡୁନଥିଲା। ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଯଦି କରାଯାଏ, ତାହେଲେ ଦେଖିବ ଗୋଟିଏ ଦୁଇଟା ପୁରୁଷ ମଧ୍ୟରେ କ'ଣ ହୋଇପାରେ। ଗୋଟିଏ ଦୁଇଟା ପୁରୁଷ ପରେ ବୁଝାଯିବ'। ସ୍ୱସ୍ତ୍ୟୟନୀର ପାଞ୍ଚଟି ନୀତିରୁ ପ୍ରଥମ ନୀତିଟି ହେଉଛି-ଭଗବାନଙ୍କର ମନ୍ଦିର ହେଉଛି ମଣିଷର ଶରୀର। ନିରାମିଷ ଭକ୍ଷଣ ଏହା ପାଇଁ ସୁଷମ ଓ ଉପାଦେୟ ଖାଦ୍ୟ। ସଂଯତ, ନିର୍ମଳ, ସୁନିୟନ୍ତ୍ରିତ ଓ ଆଧ୍ୟାତ୍ମିକ ଜୀବନ ଯାପନ ପାଇଁ ସଚେତନ ରହି ଆମ୍ଭେମାନେ ସୁଷମ ଖାଦ୍ୟକୁ ବାଛିନେବା ବାଞ୍ଛନୀୟ। ଦ୍ୱିତୀୟଟି ହେଉଛି ଯେଉଁ କାର୍ଯ୍ୟ ହାତକୁ ନେବା ତାହାକୁ ଉପଯୁକ୍ତ ବୋଲି ଚିନ୍ତା କରି ସମସ୍ତ ବାଧାବିଘ୍ନକୁ ସାମ୍ନା କରିବା। ତୃତୀୟଟି ହେଉଛି ଯେତେବେଳେ ସତ୍‌ଚିନ୍ତାଟି ଆମ୍ଭମାନଙ୍କ ମନ ରାଜ୍ୟକୁ ଆସୁଛି ତାହାକୁ ତତ୍‌କ୍ଷଣାତ ଇଷ୍ଟ ସ୍ୱାର୍ଥ ଇଷ୍ଟପ୍ରତିଷ୍ଠା ଦିଗରେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଅବହେଳା ଓ ଦୀର୍ଘସୂତ୍ରୀ ଦ୍ୱାରା ଆମ୍ଭେମାନେ ଏହାକୁ ଉଲଂଘନ କରିଥାଉ। ଚତୁର୍ଥଟି ହେଉଛି କେବଳ ନିଜ ପରିବାର ନୁହେଁ ଆତ୍ମୀୟ ସ୍ୱଜନ, ପଡ଼ୋଶୀ, ବନ୍ଧୁ, ପ୍ରିୟଜନ ଏବଂ ଆମ ଆଖପାଖର ମଣିଷମାନଙ୍କୁ ନିଜ ସୀମିତ ସାଧ୍ୟ ଭିତରେ ସହଯୋଗ ଓ ସେବା ଦେବା। ପଞ୍ଚମଟି ହେଉଛି ପ୍ରତିଦିନ ଇଷ୍ଟଙ୍କ ଉଦ୍ଦେଶ୍ୟରେ ନିର୍ମଳ ହୃଦୟତା ଓ ଭକ୍ତିପ୍ରେମ ପୂର୍ବକ ନୈବେଦ୍ୟ ଦାନ କରିବା। ଇଷ୍ଟଙ୍କ ଉଦ୍ଦେଶ୍ୟରେ ଏହାକୁ ପ୍ରେରିତ କରିବା। ମାନବ ଦରଦୀ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ବାସ୍ତବରେ ଅତି ମଣିଷ କାଙ୍ଗାଳ ଥିଲେ। ସହଜ ସରଳ ନୀତିବିଧି, ସଂକୀର୍ତ୍ତନର ମହାଆନ୍ଦୋଳନ ଓ ସତ୍‌ସଙ୍ଗ ଦ୍ୱାରା ସେ ମଣିଷ ମାନଙ୍କୁ ଭଲ ମଣିଷରେ ଓ ଭଲ ମଣିଷ ମାନଙ୍କୁ ଅତି ଭଲ ପର୍ଯ୍ୟାୟରେ ପହଞ୍ଚାଉଥିଲେ। ସମସ୍ତ ମଣିଷ ସମାଜକୁ ବିଭୁମୁଖୀ କରାଇ ସୁଖଶାନ୍ତି ଆନନ୍ଦର ପରମ ଆଶ୍ୱାଦାନ ଚଖାଇବାକୁ ସେ ନିରନ୍ତର ଉଦ୍ୟମ ରଖିଥିଲେ। ଭଗବାନ ସୂର୍ଯ୍ୟଦେବଙ୍କର ଯେଉଁପରି ପ୍ରତ୍ୟେକ ଦିନ ପରିକ୍ରମଣ ହେଉଛି ଗୋଟିଏ ଇଲାକାରୁ ଅନ୍ୟ ଏକ ଇଲାକାକୁ ଯାଇଥାନ୍ତି। ଯାହାକୁ ସଂକ୍ରାନ୍ତୀ କୁହାଯାଏ ଠିକ୍ ସେହିପରି ସ୍ୱସ୍ତ୍ୟୟନୀକୁ ନିଷ୍ଠା ଓ କାଷ୍ଠାର ସହିତ ପ୍ରତିଟି ନୀତିବିଧି ସହ ପାଳନ କଲେ ଆମ୍ଭମାନଙ୍କର ଠିକ୍ ସେହିପରି ଭଗବାନ ସୂର୍ଯ୍ୟଦେବଙ୍କ ନିତ୍ୟବ୍ରତ ଅନୁଯାୟୀ ଜୀବନ ଚଳନ କ୍ଷେତ୍ରରେ ଧିରେ ଧିରେ ଏକ ପ୍ରବେଶ ସଂଗଠିତ ହୋଇଥାଏ। ଶ୍ରୀ ଶ୍ରୀ ଠାକୁର କହିଛନ୍ତି 'ଇଷ୍ଟଭୃତି ଦୀକ୍ଷା ନେବାକୁ ପଡ଼ିବ ଏହାକୁ ଚେତନ ରଖିବା ପାଇଁ ଯଜନ, ଯାଜନ, ଇଷ୍ଟଭୃତି ଏହି ଅସ୍ତିତ୍ୱକୁ ଧରି ରଖିଥାଏ। ଆଲୋଚନା ପ୍ରସଙ୍ଗର ତେରଖଣ୍ଡରେ ଉଲ୍ଲେଖ ରହିଛି – 'ଯତ ବ୍ରତଇ କରିସ୍ ନା ତୁଇ, ସେରା ସ୍ୱସ୍ତ୍ୟୟନୀ କରତେ କରତେ ଦେଖତେ ପାବି, ଉନ୍ନୟନେର ଖଣି।' ସ୍ୱାସ୍ଥ୍ୟରକ୍ଷା ସହ ନିୟମ ଗୁଡ଼ିକ ସଦାଚାର ସମ୍ପନ୍ନ ହୋଇ ପାଳନ କଲେ ଇଷ୍ଟକର୍ମ କରିବା ସହଜ ହୋଇଥାଏ। ଅନୁସୂତୀର ପ୍ରଥମ ଖଣ୍ଡ ବାଣୀ ୩୧ରେ ଲେଖା ଅଛି –'ପ୍ରବୃତ୍ତି ତୋର ଯଖନ ଯେମନ୍, ଯେ ଭାବେଇ ଉଙ୍କି ମରୁକ। ଇଷ୍ଟ ସ୍ୱାର୍ଥ ପ୍ରତିଷ୍ଠାତେ ଘୁରିୟେ ଦିବି ତାର ସେ ଝୁଁକ'। ଏହି ଲେଖନୀ ସମୟରେ ନୃସିଂହ ପୁରାଣର ତୃତୀୟ ରତ୍ନାକର ପୃଷ୍ଠା ୪୭ରେ ଉଲ୍ଲେଖ ଅଛି–'ବର୍ଷକ ଯାକ ଅର୍ଜିବ ଜାଣ ଯେତେ ଦ୍ରବ୍ୟ, ଦଶଭାଗ କରି ତାହା ମନରେ ବାଣ୍ଟିବ। ତହିଁରୁ ଆଠଭାଗ ଯେ ଦେବ କୁଟୁମ୍ବଙ୍କୁ, ବୋଲିବ ସୁଖେ ବସିଣ ଭୁଞ୍ଜେ ଏ ଦ୍ରବ୍ୟକୁ। ଆବର କରିବ ଭାଗ କରେ ଧର୍ମ କାର୍ଯ୍ୟ, ଯହିଁରେ ସେ ପୂଣ୍ୟରେଖା ବଢ଼ିବ ଐଶ୍ୱର୍ଯ୍ୟ, ଆବର ଭାଗେ ଗୁରୁଙ୍କୁ ବାଣ୍ଟି କରି ଦେବ, ଆଠଗୋଟି ଭାଗ ଦେଇ କୁଟୁମ୍ବ ପୋଷିବ। ସଂସାରୀ ଲୋକେ ଏ ରୂପେ କଲେ ଧର୍ମ ପାଇ, କହିଲେ ରାଜାମାନଙ୍କ ଧର୍ମ ନସରଇ।' ଯଥାର୍ଥରେ ସ୍ୱସ୍ତ୍ୟୟନୀ ମହାବ୍ରତ ସ୍ୱାସ୍ଥ୍ୟରକ୍ଷା ସହ ଆୟୁବୃଦ୍ଧି, କର୍ମଦକ୍ଷତା ଓ ଆର୍ଥିକ ଅନଟନକୁ ଦୂରେଇ ଦେଇଥାଏ। ମାନସିକ ଉଦ୍‌ବେଗ ଅନେକ ପରିମାଣରେ ଦୂରେଇ ଯାଏ। ପରିବାର ସୁସଂଗଠିତ ହେବା ସହ ଆଧ୍ୟାତ୍ମିକ ପରିବେଶର ପରମ ଶାନ୍ତି ଆତ୍ମାକୁ ଇଷ୍ଟାଭିମୁଖୀ କରାଏ। ଏହି ମହା ପବିତ୍ର ସ୍ୱସ୍ତ୍ୟୟନୀ ଦ୍ୱାରା ଯୁଗପୁରୁଷ କଲ୍‌କୀ ଭଗବାନ ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରାକୁ ଯାଜୁଲ୍ୟମାନ କରି ଆମ୍ଭମାନଙ୍କ ଜୀବନକୁ ଶାନ୍ତି ଓ ଆନନ୍ଦମୟ କରି ଗଢ଼ିତୋଳିଥାଏ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତିରକ୍ଷିକ, ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭, ଇ-ମେଲ: drumeshchandra123patra@gmail.com

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ସଂସ୍କୃତିର ସଂଗମକ୍ଷେତ୍ର ଦକ୍ଷିଣ ଓଡ଼ିଶା

ମାୟାଧର ନାୟକ

ଦକ୍ଷିଣ ଓଡ଼ିଶା ଦକ୍ଷତାର ଓଡ଼ିଶା, ତୃପ୍ତତାର ଓଡିଶା, ଦୁର୍ଦ୍ଦାନ୍ତତାର ଓଡ଼ିଶା । ଦକ୍ଷିଣ ଓଡ଼ିଶା ଦୁର୍ବାର ଓଡିଶା । ବନଜଂଗଲରୁ ଆରମ୍ଭ କରି ପାହାଡପର୍ବତର ପ୍ରାଚୁର୍ଯ୍ୟ ଦିନେ ଦକ୍ଷିଣ ଓଡିଶାକୁ ଦୁର୍ଭେଦ୍ୟ ଦୁର୍ଗର ଦୃଢ ଭାବମୂର୍ତି ପ୍ରଦାନ କରିଥିଲା । ଏଠି ଥିଲା ଓଡିଶାବିଖ୍ୟାତ ରାଜବଂଶର ରାଜବାଟୀସବୁ ଏବଂ ପ୍ରଜାମାନେ ଥିଲେ ପ୍ରଖର ଯୋଦ୍ଧା ଜଣେ ଜଣେ । କିମ୍ବଦନ୍ତୀରୁ ଇତିହାସ ପର୍ଯ୍ୟନ୍ତ ଦକ୍ଷିଣ ଓଡିଶାର ଆଭାସଚିତ୍ର ବିଚିତ୍ରବର୍ଣ୍ଣାଳୀରେ ବିସ୍ମୟକର । ରାଜାମାନେ କେବଳ ରାଜନୀତି କରୁ ନ ଥିଲେ କି ଶାସନ କରୁ ନ ଥିଲେ, ସାହିତ୍ୟ କଳା-ସଂସ୍କୃତି ପାଇଁ ତଥା ଏକ ସାଂସ୍କୃତିକ ଓଡିଶାର ଅଭ୍ୟୁତ୍‌ଥାନ ପାଇଁ ଅନନ୍ୟ ଅନୁପ୍ରେରଣାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିଆସୁଥିଲେ – ପ୍ରଜାମାନେ ମାଟି ଆଉ ମାଆର ମହତ ରକ୍ଷା ପାଇଁ ପ୍ରାଣପାତ କରିବାକୁ କୁଣ୍ଠିତ ହେଉନଥିଲେ କଦାପି । ମାତ୍ର ବ୍ରିଟିଶ୍ ଶାସନକାଳରେ ଏହି ଶୂରବୀରର ଭୂଖଣ୍ଡକୁ ଶାସନଗତ ସୁବିଧାବାଦ ତଥା ସାମ୍ରାଜ୍ୟବାଦର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସାମିଲ୍ କରାଇଦିଆଗଲା ମାଡ୍ରାସ୍ ପ୍ରେସିଡେନ୍‌ସୀ ସହିତ । ଏହାଫଳରେ ପାରମ୍ପରିକ ରାଜଶକ୍ତିର ସ୍ପର୍ଦ୍ଧା ହେଲା ଭୂଲୁଣ୍ଠିତ ଏବଂ ପ୍ରଜାଶକ୍ତି ହେଲା ପଦାନତ । ପରାଧୀନ ଭାରତବର୍ଷରେ ଦକ୍ଷିଣ ଓଡିଶାର ଏହି ଦଶା ଏକ ଐତିହାସିକ ବିଡମ୍ବନା । ତଥାପି ପାଉଁଶ ତଳର ନିଆଁ ପରି ଏ ମାଟିର ମଲାଟ ତଳେ ପ୍ରସ୍ତୁତ ହେଉଥିଲା ଅନାଗତ ଭବିଷ୍ୟତର ଆଗ୍ନେୟ ଆହ୍ୱାନୀ । ଉତ୍କଳ ସମ୍ମିଳନୀର ମହାମଂଚରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଯେଉଁ ଭାଷାଭିତିକ ଆନ୍ଦୋଳନର ଆବାଜ ଉଠିଥିଲା, ତାହାର ପୃଷ୍ଠଭୂମିରେ ଥିଲା ଏହି ଦୁର୍ବାର ଦକ୍ଷିଣ ଓଡିଶାର ଦୃପ୍ତ ଦାବୀନାମା । କାରଣ ମାନକ ଓଡିଆ ଭାଷାର ଭଣ୍ଡାରକୁ ସର୍ବାଧିକ ଅବଦାନ ଦେଇଛନ୍ତି ଏ ମାଟିର ବରପୁତ୍ରବର୍ଗ – ଭଞ୍ଜ, ବଳଦେବ, ଗୋପାଳକୃଷ୍ଣଙ୍କଠାରୁ ଆରମ୍ଭ କରି ବହୁ ବିଦ୍ୱାନ ପଣ୍ଡିତଙ୍କର ଏହି ପବିତ୍ରଭୂମି ଓଡିଆ ଭାଷାର ଆଭିଜାତ୍ୟକୁ ଅକ୍ଷୁର୍ଣ୍ଣ ରଖିବାରେ ଛାଡିଯାଇଛି ଅକ୍ଷୟକୀର୍ତିର ଉର୍ଜ୍ଜସ୍ୱଳ ଇତିହାସ ।

ମୁଁ ଏସବୁ ତଥ୍ୟର ଜଞ୍ଜାଳ ଭିତରକୁ ନଯାଇ ସତ୍ୟର କେତୋଟି ଝଲକ ମାତ୍ର ସୂଚାଇଦେବାକୁ ଚାହୁଁଛି–ସେ ସତ୍ୟ ଯେତେ ଅପ୍ରିୟ ହେଉନା କାହିଁକି ଏକାନ୍ତ ପ୍ରଣିଧାନଯୋଗ୍ୟ । ବ୍ରିଟିଶ୍ ସରକାର ଦକ୍ଷିଣ ଓଡିଶାକୁ ମାଡ୍ରାସ୍ ପ୍ରେସିଡେନ୍‌ସୀର ଅନ୍ତର୍ଭୁକ୍ତ କରିବା ଦ୍ୱାରା ଯେପରି ଏହାର ପାରମ୍ପରିକ ରାଜଶକ୍ତିକୁ ମ୍ଳାନନିଷ୍ପ୍ରଭ କରିଦେଇ ପ୍ରଜାଶକ୍ତିର ପ୍ରମତତାକୁ ପ୍ରାଣହୀନ କରିଦେଇଥିଲେ, ସ୍ୱାଧୀନତା ପରେ ଏଇ କିଛିବର୍ଷ ତଳେ ଓଡିଶା ସରକାର ସେହିପରି ଅବିଭକ୍ତ ଗଞ୍ଜାମ-କୋରାପୁଟକୁ ନେଇ ମୁଣ୍ଡ ଉଠାଇଆସିଥିବା ଦକ୍ଷିଣ ଓଡିଶାକୁ ଆହୁରି ଗୁଡିଏ ନୂଆ ନାଆଁର ତାଲିକାରେ ଜିଲ୍ଲାୱାରୀ ଖଣ୍ଡଖଣ୍ଡ କରିଦେବା ଦ୍ୱାରା ଏହାର ଅଖଣ୍ଡ ଆତ୍ମଶକ୍ତିକୁ ସବୁଦିନ ପାଇଁ ବିଭାଜିତ କରିଦେଲେ । ଏହାଦ୍ୱାରା ଜିଲ୍ଲାପାଳ ଚାକିରିର କେବଳ ବଢତି ହେଲା, ଅଧିକ ସରକାରୀ ଅଫିସ ଖୋଲାଯାଇ ଦପ୍ତରଗୁଡାକୁ ପରାଙ୍ଗପୁଷ୍ଟ ସରକାରୀ ଦରବାରର ଗୋଟିଏ ଗୋଟିଏ କର-ଆଦାୟକାରୀ କ୍ୟାମ୍ପସ୍‌ରେ ପରିଣତ କରାଗଲା ଏବଂ ଭୂଇଁଫୋଡା ଶାସନର ଦୁର୍ନୀତିଧାରାକୁ ନୂଆନୂଆ ଜିଲ୍ଲାରେ ବିସ୍ତାର କରିଦିଆଗଲା ।



ମାତ୍ର ଦୁଇଟି ଜିଲ୍ଲାକୁ ଛୋଟବଡ ଗୁଡିଏ ଜିଲ୍ଲାରେ ତାଲିକାଧୀନ କରାଇ ଓଡିଶା ସରକାର କି ବାହାଦୁରି ଦେଖାଇଲେ ତା' ମାଆ ମହାଦେଈକୁ ଜଣା, ମାତ୍ର ମୋର ବିନମ୍ର ମତ ଯେ ଏହାଦ୍ୱାରା କେବଳ ଶାସନର ଓ ପ୍ରଶାସନର ଫାଇଦା ହେଲା; ହେଲେ ଦକ୍ଷିଣ ଓଡିଶାର ଜନଗଣ ଦ୍ୱିତୀୟଥର ପାଇଁ ଶିକାର ହେଲେ ଏକ ସୁଦୂରପ୍ରସାରୀ ସରକାରୀ ଷଡଯନ୍ତର ! ଏ ଷଡଯନ୍ତର ସ୍ୱରୂପକୁ ଏବେ ହୁଏତ ଦକ୍ଷିଣଓଡିଶାବାସୀ ଦେଖିପାରୁନାହାନ୍ତି, କିନ୍ତୁ ଅଦୂର ଭବିଷ୍ୟତର ଏହାର ବିଷମୟ ପରିଣାମକୁ ଅଙ୍ଗେ ନିଭାଇବେ ନାତି-ଅଣନାତିଙ୍କୁ ନେଇ ଆମର ଉତରଦାୟାଦ । ପ୍ରଥମତଃ, ଏହି ବିଭାଜନକୁ ନିଜର ଆର୍ଥିକ ଆଁ'ର ଚାହିଦା ମେଂଟାଇବାକୁ ଯାଇ ଓଡିଶା ସରକାର ନୂଆଯୋଜନା ନାଆଁରେ କାଏମ୍ କରିଦେଲେ, କିନ୍ତୁ ଦକ୍ଷିଣ ଓଡିଶାର ଆତ୍ମିକ ସୂତ୍ରକୁ ଛିନ୍ନ କରିଦେଲେ ସବୁଦିନ ପାଇଁ । ଆଦିବାସୀ ଓ ଅଧିବାସୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଳିତ ସ୍ଥିତିକୁ ନେଇ ଯେଉଁ ଦକ୍ଷିଣ ଓଡିଶା ଦିନେ ଏକ ଦକ୍ଷ ଓ କାର୍ଯ୍ୟକ୍ଷମ ଓଡିଶା ହୋଇ ସାରା ଓଡିଶାର ଦକ୍ଷିଣଦୁଆରୀ ଘର ବୋଲାଉଥିଲା, ତାହା ଆଜି ଗୋଟାଏ ଭଂଗାଘର– ଯେଉଁଠି ଜନଅସନ୍ତୋଷର ପ୍ରତିକ୍ରିୟାସ୍ୱରୂପ ନବଜନ୍ମ ନେଇଛି ମାଓବାଦୀ ଲାଲ୍‌ବାହିନୀ । ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାଯିବ ଯେ ଅବିଭକ୍ତ ଗଂଜାମ-କୋରାପୁଟର ଦକ୍ଷିଣ ଓଡିଶା ଯେତେ ମାଓବାଦୀ ଆକ୍ରମଣରେ ଅତିଷ୍ଠ ହେଉନଥିଲା, ବର୍ତମାନର ଶାସନ-ପ୍ରଶାସନର ମିଳିତ ମେଂଟର ଚକ୍ରାନ୍ତରେ ଚୂର୍ଣ୍ଣୀଭୂତ ଦକ୍ଷିଣ ଓଡିଶା ପ୍ରତ୍ୟହ ପ୍ରାଣପୀଡା ଭୋଗୁଛି ନବ୍ୟ ମାଓବାଦୀ ଅଭିଯାନର ସନ୍ତ୍ରାସୀ ସଂପ୍ରସାରଣ ଦ୍ୱାରା ।

ଦକ୍ଷିଣ ଓଡିଶାର ଏହି ନୈତିକ ଓ ସାଂସ୍କୃତିକ ମଂଚକୁ ମୁଁ ରାଜନୈତିକ ମଂଚ ଭାବରେ ବ୍ୟବହାର କରିବାକୁ ଯାଉନାହିଁ । ମାତ୍ର ଗୋଟିଏ କଥା ଏଠାରେ ସ୍ପଷ୍ଟ ସୂଚାଇଦେବାକୁ ଚାହୁଁଛି ଯେ ଗତକାଲିର ରାଜତନ୍ତ୍ରଲାଳିତ ରାଜାମାନଙ୍କର ରାଜନୀତି ଏ ମାଟିର କଳା-ସାହିତ୍ୟ-ସଂସ୍କୃତିର କ୍ରମବିସ୍ତାର ପାଇଁ ଯେଉଁ ନବଜାଗରଣକୁ ଜନ୍ମ ଦେଇଥିଲା, ଆଜିକାଲିକାର ଗଣତନ୍ତ୍ରପାଳିତ ମନ୍ତ୍ରୀମାନଙ୍କର ରାଜନୀତି ଅତୀତର ସେ ରେନେଁସା ବା ନବଜାଗରଣକୁ ଦେଇସାରିଛି ଦାରୁଣ ମୃତ୍ୟୁଦଣ୍ଡାଦେଶ ! ଆଉ ଏ ମାଟିରେ ଭଂଜ, ବଦଦେବ କି ଗୋପାଳକୃଷ୍ଣମାନେ ଜନ୍ମ ନେବା ଏକ ଦିବାସ୍ୱପ୍ନ । ଆଜି ଏଠି କେବଳ ଟଙ୍କା–ଟଙ୍କା–ଟଙ୍କା... ଟଙ୍କା ପଛରେ ସମସ୍ତେ ଟିଙ୍କ–କିଏ ପଚାରୁଛି କଳା-

କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ଚକୋଟିଆ ଭୁଞ୍ଜିଆ ଆଦିବାସୀଙ୍କ ଅଧିଷ୍ଠାତ୍ରୀ ଦେବୀ ମା ସୁନାଦେଇଙ୍କ ଯାତ୍ରା ପାଳିତ

ନୂଆପଡ଼ା, (ପି.ଏନ): ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟର ଅଧିଷ୍ଠାତ୍ରୀ ଦେବୀ ସୁନାଦେଇଙ୍କ ଯାତ୍ରା ପାଳିତ ହୋଇଯାଇଛି। କୋଭିଡ କଟକଣା ପାଇଁ ଦୁଇ ବର୍ଷ ପରେ ଅନୁଷ୍ଠିତ ଏହି ଯାତ୍ରାରେ ବ୍ୟାପକ ଜନସମାଗମ ହୋଇଛି। ଆଦିମ ଆଦିବାସୀ ଚକୋଟିଆ ଭୁଞ୍ଜିଆନ୍ଙ୍କ ଅଧିଷ୍ଠାତ୍ରୀ ଦେବୀ ସୁନାଦେଇଙ୍କ ଯାତ୍ରା ଅନୁଷ୍ଠିତ ହୋଇଅଛି। ଆଶ୍ୱିନ ମାସ କୁଆଁର ପୂର୍ଣ୍ଣିମା ଦିନ ଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାର ୧୫ ଦିନ ପୂର୍ବେ ଦୀପ ଜାଗର ଜାଳି ସୁନାଦେଇ ମନ୍ଦିରରେ ପୂଜା ପାଇଥାନ୍ତି। କାଳେସୀ ଦେହରେ ମା ବିରାଜମାନ ହୋଇ ଛତର ଲିଙ୍ଗଭଟ୍ଟା ଠାରେ ପୂଜା ହୋଇଥାନ୍ତି। ଲିଙ୍ଗ ଭଟ୍ଟାରେ ୨୪ ଖଣ୍ଡ ଟୀକରୀରୁ ଆସିଥିବା ଭକ୍ତଙ୍କ ଦୁଃଖ ସୁଖ, ମାନ ଅଭିମାନ, ମନସ୍କାମନା ପୂରଣ ନେଇ ପୂଜା ଅନୁଷ୍ଠିତ ହୋଇଥାଏ। ପରେ ସୁନାଦେଇଙ୍କ ଛତର ସୁନାବେଡା ନଗର ପରିକ୍ରମା କରିଥାଏ। ଦେବୀଙ୍କୁ ଭୁଞ୍ଜିଆ ମହିଳା ମାନେ ପାରମ୍ପାରିକ ବେଶଭୁଷାରେ ପୂଜା କରିଥାନ୍ତି। ସୁନାବେଡା ଗ୍ରାମ ଉତ୍ସବ ମୁଖର ହୋଇଉଠେ।ଏହି ଉପଲକ୍ଷେ ସେଠାରେ ବିଭିନ୍ନ ରକମର ଦୋକାନ ବଜାର, ଭିଡ଼ ଜମି ଥିବା ବେଳେ ସୁନାଦେଇ ଯାତ୍ରା ପାଳନ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସୁନାଦେଇ ଯାତ୍ରା ଦେଖିବା ପାଇଁ ଜିଲ୍ଲା ତଥା ପଡୋଶୀ ଜିଲ୍ଲା ଏବଂ ପଡୋଶୀ ରାଜ୍ୟରୁ ବହୁ ଲୋକଙ୍କ ସମାଗମ ହୋଇଅଛି।

ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍କୋୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପ୍ଲେ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତି‌ଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କେନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଓ୍ୱକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ଓ୍ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେ

ଜୟପ୍ରକାଶ ହସ୍‌ପିଟାଲକୁ ଡିଏମ୍‌ଏଫ୍‌ରୁ ବେଆଇନ୍ ଭାବେ ଅର୍ଥ ଯୋଗାଣର ଭିଜିଲାନ୍ସ ତଦନ୍ତ ଦାବିକଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲାର ଦାଣ୍ଡିଆପାଲିଠାରେ ଅବସ୍ଥିତ ଜୟପ୍ରକାଶ ହସ୍‌ପିଟାଲ ପ୍ରତିଷ୍ଠା ଦିନଠାରୁ ବିବାଦରେ ରହିଆସିଛି । ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟ' ସମସ୍ତେ ଉକ୍ତ ହସ୍‌ପିଟାଲକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍‌ଏଫ୍)ରୁ ଉକ୍ତ ହସ୍‌ପିଟାଲକୁ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଯେପରି ବିପୁଳ ଅର୍ଥ ଅଯଥାରେ ଯୋଗାଇ ଦିଆଯାଉଥିବା ପ୍ରତିବାଦ କରି ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାର ଭିଜିଲାନ୍ସ ତଦନ୍ତ କରିବା ନିମନ୍ତେ ସ୍ଥାନୀୟ ଦୁର୍ନୀତି ନିବାରଣ ଏସ୍‌ପିଙ୍କ ନିକଟରେ ଏତଲା ପ୍ରଦାନ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଗତ ଦିନରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଉକ୍ତ ଜୟପ୍ରକାଶ ହସ୍‌ପିଟାଲକୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୦୫ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ବିଧାନସଭାରେ ମନ୍ତ୍ରୀ ଦେଇଥିବା ସୂଚନା ଅନୁସାରେ ଭୁବନେଶ୍ୱର ସ୍ଥିତ ସମ୍ ହସ୍‌ପିଟାଲକୁ କୋଭିଡ୍ ରୋଗୀଙ୍କ ପିଛା ରାଜ୍ୟ ସରକାର ୧,୨୪,୬୭୨ ଟଙ୍କା ଯୋଗାଇ ଦେଇଥିବା ବେଳେ କିମ୍‌ସ ହସ୍‌ପିଟାଲକୁ ରୋଗୀ ପିଛା ୯୮,୨୭୩ ଟଙ୍କା ଦେଇଛନ୍ତି । କିନ୍ତୁ ଜୟପ୍ରକାଶ ହସ୍‌ପିଟାଲକୁ ରୋଗୀ ପିଛା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୫ ଲକ୍ଷ ୧୮ ହଜାର ୯୬୯ ଟଙ୍କା ଦିଆଯାଇଛି । ସମ୍ ଓ କିମ୍‌ସ ହସ୍‌ପିଟାଲର ଭିତ୍ତିଭୂମି ତଥା ଚିକିତ୍ସାର ମାନ ଜୟପ୍ରକାଶ ହସ୍‌ପିଟାଲଠାରୁ ଯଥେଷ୍ଟ ଉନ୍ନତ ହୋଇଥିବା ବେଳେ କେଉଁ ଯୁକ୍ତିରେ ଜୟପ୍ରକାଶ ହସ୍‌ପିଟାଲକୁ ରୋଗୀ ପିଛା ଏପରି ବିପୁଳ ଅର୍ଥ ଯୋଗାଇ ଦିଆଯାଇଛି ତାହା ନିହାତି ତଦନ୍ତ ସାପେକ୍ଷ । କାରଣ ଏହି ବିପୁଳ ଅର୍ଥ ଯୋଗାଣରେ କିଛି ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ ଶାସକ ଦଳର ରାଜନେତାଙ୍କ ହାତ ଚିକ୍କଣ ହୋଇଥିବାର ଗନ୍ଧ ସ୍ପଷ୍ଟ ବାରି ହେଉଛି । ତେଣୁ ଏହି ଅର୍ଥ ଯୋଗାଣ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟାସତ୍ୟ ଉନ୍ମୋଚନ ହେବା ସହିତ ରୋଗୀ ଚିକିତ୍ସା ନାଁରେ ହଡପ ହୋଇଥିବା ବିପୁଳ ଅର୍ଥକୁ ଉଦ୍ଧାର କରାଯାଇପାରିବ । ସେହିପରି କୋଭିଡ୍‌ର ଦ୍ୱିତୀୟ ଲହର ବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଉକ୍ତ ଜୟପ୍ରକାଶ ହସ୍‌ପିଟାଲରେ ୫ ଶହ ଆଇସିୟୁ ଶଯ୍ୟା ପାଇଁ ଅର୍ଥ ଯୋଗାଇ ଦିଆଯାଇଥିବାର କୁହାଯାଇଛି । ତେବେ ଉକ୍ତ ହସ୍‌ପିଟାଲରେ ବାସ୍ତବରେ କେତେ ଆଇସିୟୁ ଶଯ୍ୟା ଉପଲବ୍ଧ ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ରାଉରକେଲା ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଏଆଇସିସି ଓବିସି ସହସଂଯୋଜକ କୈଳାସ ଚନ୍ଦ୍ର ସାହୁ, ବିଜୟ ଆପଟ, ଭାସ୍କର ଖିଲ୍ଲାର, ସାରଦା ପ୍ରସନ୍ନ ଦାସ, ଲୀନା ଦାସ, ସିଦ୍ଧେଶ୍ୱର ମଲ୍ଲିକ, ଅଭିମନ୍ୟୁ ଦାସ, କାର୍ତ୍ତିକ ଚନ୍ଦ୍ର ବେହୁରିଆ ଉପସ୍ଥିତ ଥିଲେ ।

ବିଜେଡି କର୍ମୀ ବିଜେପିରେ ମିଶିଲେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପାଟପୁର ପଂଚାୟତର ପୂର୍ବତନ ବିଜେଡି ସଭାପତି ଶରତ ସିଂ ଓ ଗଣେଶ୍ୱର ମଲିକଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି । ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଆସ୍ଥା ପ୍ରକଟ କରି ଏମାନେ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି । ପାଟପୁରଠାରେ ପଂଚାୟତ ବିଜେପି ସଭାପତି ନେତ୍ରାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ପାଟପୁର ସରପଂଚ ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଂଚାୟତ ବିଜେପି ଉପସଭାପତି ପ୍ରଭାତ ମହାପାତ୍ର ଓ ବରିଷ୍ଠ ବିଜେପି କର୍ମକର୍ତାମାନେ ରହି ସ୍ୱାଗତ ଜଣାଇଥିଲେ ।

ଯାଜପୁରର ବର୍ଷୀୟାନ ନାରାୟଣ ଚନ୍ଦ୍ର ମିଶ୍ରଙ୍କର

ଯାଜପୁର (ପିଏନ୍): ଯାଜପୁର ସହରର ଖଣ୍ଡେଶ୍ୱର ଗ୍ରାମର ବର୍ଷୀୟାନ ଶ୍ରମିକ ନେତା ୬ନାରାୟଣ ଚନ୍ଦ୍ର ମିଶ୍ରଙ୍କର ଦ୍ୱାଦଶାହ ଉପଲକ୍ଷେ ଅନନ୍ୟା ସାହିତ୍ୟ ସଂସଦର ସଂପାଦକ ଡଃ କାହ୍ନୁ ଚରଣ ମିଶ୍ରଙ୍କର ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ପଣ୍ଡିତ ହୃଷୀକେଶ ପତି ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଦିବଂଗତଙ୍କର ଫଟୋରେ ମାଲ୍ୟାର୍ପଣ କରିଥିଲେ । ଶ୍ରୀ ମିଶ୍ରଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଗୀତ ପାଠ କରାଯାଇଥିଲା । ପୂର୍ବତନ ପି.ସି.ସି. ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଂଜନ ପଟ୍ଟନାୟକ, ପି.ସି.ସି. ମୁଖପାତ୍ର ପଦ୍ମାକର ଗୁରୁ, ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ପି.ସି.ସି. ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ରଂଜିତା ରାଉତ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ଡାଃ. ବିରଂଚିନାରାୟଣ ମହାପାତ୍ର, ପ୍ରବଚକ ଶରତ ଚନ୍ଦ୍ର ଜେନା, ସମାଜସେବୀ ପାଣ୍ଡବ ଚରଣ ସାହୁ, ଦିଲ୍ଲୀପ କୁମାର ଦାଶ, ସନ୍ତୋଷ କୁମାର ବେହେରା, ଭାସ୍କର ଚନ୍ଦ୍ର ମହାନ୍ତି, ବିଭୂତି ମହାପାତ୍ର, ସଂଗ୍ରାମ ସାହାଣୀ, ଅକ୍ଷୟ ଶତପଥୀ, ଅଭିମନ୍ୟୁ ମିଶ୍ର, ଅଧିକାରୀ ନବକିଶୋର ଦାସ, ଦେବେନ୍ଦ୍ର କୁମାର ପଣ୍ଡା, ଶ୍ୟାମସୁନ୍ଦର କର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ବକ୍ତବ୍ୟ ରଖିଥିଲେ । ସଂଜୟ ନାୟକ, ଜ୍ୟୋତିରଂଜନ

ଶ୍ରମିକ ନେତା ସ୍ୱର୍ଗତଃ ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସଭା

ପଣ୍ଡା, ପ୍ରିୟନାଥ ମହାପାତ୍ର, ଉତ୍ତମ ରଥ, ଯଶୋବନ୍ତ ନାରାୟଣ ଦିକ୍ଷିତ, ରତ୍ନାକର ମହାପାତ୍ର, ଅଜୟ ନନ୍ଦ, ନରେନ୍ଦ୍ର ନାୟକ, ବ୍ରଜ ପାଣିଗ୍ରାହୀ, ମଧୁସୂଦନ ମହାନ୍ତି, ଗୀତାଞ୍ଜଳି ନନ୍ଦ, ପୁଷ୍ପାଞ୍ଜଳି ମିଶ୍ର, ଦେବାଶିଷ ମିଶ୍ର, ଜନାର୍ଦ୍ଦନ ମିଶ୍ର, ପ୍ରତାପ ରୁଦ୍ର ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ପ୍ରଜ୍ଞାଞ୍ଜଳି ମିଶ୍ର, ବିଶ୍ୱନାଥ ମିଶ୍ର, ବିରକିଶୋର ମିଶ୍ର, ରାଜେନ୍ଦ୍ର ସାମନ୍ତ, ଜିତେନ୍ଦ୍ର ସାମନ୍ତ, ଦୁର୍ଗା ସାମନ୍ତ, ରାଜା ସାମନ୍ତ, କାହ୍ନା ସାମନ୍ତ, ଶରତ ନାୟକ, ଜଗତବନ୍ଧୁ ନାୟକ, ଲିପୁ ନାୟକ, ସୌମ୍ୟରଂଜନ ସାମଲ, ମାନସ ସାମଲ, ସ୍ୱରୂପ ପଣ୍ଡା, ଶିବମ ଶଡ଼ଙ୍ଗୀ, ଇଂ. କାହ୍ନୁ ଚରଣ ମିଶ୍ର, ଜୟନ୍ତ ନନ୍ଦ, ପ୍ରଶାନ୍ତ ନନ୍ଦ, ଗୋକୁଳ ନନ୍ଦ, ନଗେନ୍ଦ୍ର ନନ୍ଦ, ଯଯାତି ନାୟକ, ରାଜୀବଲୋନ ଦାସ, ଅର୍ଜିତ ନାୟକ, ଅନିଲ ମହାନ୍ତି, କୃଷ୍ଣ ଚନ୍ଦ୍ର ପତି, ସୀତାକାନ୍ତ ଶତପଥୀ, କୁମାର ଆଶୁତୋଷ, ଈଶ୍ୱରୀ ନନ୍ଦ, ଅଶ୍ୱିନୀ ନନ୍ଦ, ଶକ୍ତି ନନ୍ଦ, ବିରଜା ନନ୍ଦ, ଚିତ୍ତରଂଜନ ସାମଲ, ପ୍ରଶାନ୍ତ ମହାନ୍ତି, ହୁଣ୍ଡା ନାୟକ, ଦୀପକ ସାମନ୍ତ, ବଳରାମ କର, ବିଦ୍ୟାଧର ସନ୍ଧିବିଗ୍ରହ ଓ ନୃସିଂହ ଚରଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ ମିଶ୍ର ଜଣେ ମେଳାପୀ, ଭଦ୍ର ଓ ଉଦାରଚେତା ବ୍ୟକ୍ତି ଏବଂ ଜଣେ ଭଲ ଚିତ୍ରକର ଓ ମୂର୍ତ୍ତିକାରିଗର ଏବଂ କର୍ମାଙ୍ଗ ବ୍ରାହ୍ମଣ ହିସାବରେ ଦୈତାରୀ ମାଇନ୍‌ସ ଏବଂ ଯାଜପୁର ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପାରିଷଦ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ସତ୍ୟ ଓ ଅହିଂସା ନୀତି ମହାତ୍ମା ଗାନ୍ଧୀକୁ ଅମର କରି ରଖିଛି

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ମହାତ୍ମା ଗାନ୍ଧି ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଯୁବ ସଂଗଠକ ରଣଜିତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସତ୍ୟ ଓ ଅହିଂସା ନୀତି ମହାତ୍ମା ଗାନ୍ଧୀଙ୍କୁ ଅମର କରି ରଖିଛି ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନ ଦେବାପାଇଁ କରିଥିବା ଦାବିକୁ କେନ୍ଦ୍ର ସରକାର ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ଲାବଣ୍ୟ ଦାବି କରିଥିଲେ । ପ୍ରାରମ୍ଭରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଶିବପ୍ରସାଦ ସାହୁ, ଅନୁବ୍ରତ ସାହୁ, ରବୀନ୍ଦ୍ର ସାହୁ, ରାମଚନ୍ଦ୍ର ରଣା, ଚକ୍ରଧର ସାହୁ, ହେମନ୍ତ ଜେନା, ଶ୍ରୀକାନ୍ତ ବାରିକ, ଅଶୋକ ମଲ୍ଲିକ, ପ୍ରଭାତ ସାହୁ, ଜୟପ୍ରକାଶ ସାହୁ, ଜ୍ଞାନରନ ଜେନା, ରଜତ ସାହୁ, ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ । ବିନୋଦ ବିହାରୀ ପଣ୍ଡା ଧନ୍ୟବାଦ ଦେଇଥିଲେ । ସେହିପରି ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ କାଏମାସ୍ଥିତ ଗାନ୍ଧି ମୂର୍ତ୍ତିରେ ମାଲ୍ୟାର୍ପଣ କରି ଅହିଂଶାର ପୂଜାରୀ ଗାନ୍ଧିଙ୍କ ତ୍ୟାଗ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଦେଶ ପାଇ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହିକାର୍ଯ୍ୟକ୍ରମରେ କୃଷକ ନେତା ବସନ୍ତ ପରିଡା, ନରୋତମ ନାୟକ, ପ୍ରଫୁଲ୍ଲ ରାୟ, ଭାଗ୍ୟଧର ମହାନ୍ତି, ପ୍ରଫୁଲ୍ଲ ମାହାଲା, ସୁଦାମ ରାଉତ, ଦେବାଶିଷ ପରିଡା ପ୍ରମୁଖ ଯୋଗଦେଇ ଗାନ୍ଧି ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

ବ୍ୟବସାୟୀ ରବି ଦାସଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଶ୍ରୀମାନ ଶ୍ରୀମତୀ ଲୁଗା ଦୋକାନର ମାଲିକ ରବି ନାରାୟଣ ଦାସ (୭୨)ଙ୍କର ଗତ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି । ତିନିବର୍ଷ ହେଲା ଅସୁସ୍ଥ ହୋଇ ସେ କଟକ ଆଚାର୍ଯ୍ୟ ହରିହର କର୍କଟ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ବ୍ୟବସାୟୀ ସୁରେନ୍ଦ୍ର ଦାସ, ପୁଅ ଦେବବ୍ରତ, ପ୍ରିୟବ୍ରତ, ସତ୍ୟବ୍ରତ, ଝିଅ ଜ୍ୟୋତ୍ସ୍ନାରାଣୀ, ଝରଣା, ପ୍ରଜ୍ଞାପରମିତା, ମଧୁସ୍ମିତା, ପୁତୁରା ସୁମନଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଜାରକା ବଜାର ପରିକ୍ରମା କରାଯାଇଥିଲା । ଶବାଧାର ଜନ୍ମସ୍ଥାନ କାଏମା ବଜାରରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଖବର ପାଇ ଅଧ୍ୟାପକ ଦେବେନ୍ଦ୍ର ସାହୁ, ବ୍ୟବସାୟୀ ରୋହିତ କୁମାର ସାହୁ, ରେଳବିଭାଗ କର୍ମଚାରୀ ଜଗବନ୍ଧୁ ଲେଙ୍କା, ପିଙ୍କୁ ଓରାମ୍, ମଧୁସୂଦନ ସାହୁ, ଧ୍ରୁବ ଚରଣ ପୃଷ୍ଟି, ନବକିଶୋର ମହାଲା, ଇଂ ତପନ କିଶୋର ଷଡ଼ଙ୍ଗୀ, କୁଳମଣି ସ୍ୱାଇଁ, କୃଷ୍ଣଚନ୍ଦ୍ର ପୃଷ୍ଟି, ସୁବ୍ରତ ପୃଷ୍ଟିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ବଡ଼ପୁଅ ଦେବବ୍ରତ ମୁଖାଗ୍ନି ଦେଇଥିଲେ ।

ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ

ରାଉରକେଲା (ପିଏନ୍): ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କ ପୁଷ୍ଟିହୀନତା ଦୂର ପାଇଁ ପୁଷ୍ଟିସାର ଖାଦ୍ୟ ଯୋଗାଇ ଦେଉଛନ୍ତି । ଏହି ପୁଷ୍ଟିସାର ଖାଦ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଥିବାରୁ ଶିଶୁମାନଙ୍କ ଖାଇବା ଉପଯୋଗୀ ହେଉନାହିଁ ବୋଲି କଂଗ୍ରେସ ତରଫରୁ ଅଭିଯୋଗ କରାଯାଇ ଏ ସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିପିଓଙ୍କ ନିକଟରେ ଦାବି କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ବିଧାନସଭା କ୍ଷେତ୍ରରେ ପୂର୍ବତନ କଂଗ୍ରେସ ପ୍ରାର୍ଥୀ ବିରେନ ସେନାପତି ଶିଳ୍ପାଞ୍ଚଳର ଶାନ୍ତିନଗରରେ ପରିକ୍ରମା କରୁଥିବା ବେଳେ କିଛି ସ୍ଥାନୀୟ ଲୋକ ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ଶୁଖିଲା ସୁଜି ହାଲୁଆ ତାଙ୍କୁ ଦେଖାଇଥିଲେ । ପ୍ୟାକେଟରେ ଥିବା ଏହି ସୁଜି ହାଲୁଆରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିଲା ଏବଂ ପ୍ୟାକେଟ୍ ଉପରେ ସୁଜି ହାଲୁଆ ପ୍ରସ୍ତୁତି ହେବାର ମାସକ ମଧ୍ୟରେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଥିବା ବେଳେ ପ୍ୟାକେଟ୍ ଉପରେ କିଂ ପ୍ରସ୍ତୁତିର ତାରିଖ ଉଲ୍ଲେଖ ନଥିଲା । ଏ ସମ୍ପର୍କରେ ଶ୍ରୀ ସେନାପତି ଅଙ୍ଗନବାଡିର କର୍ମୀଙ୍କୁ ଡାକି ପଚାରିବାରୁ ଏହି ସୁଜି ହାଲୁଆ ଖାଦ୍ୟ ଯୋଗାଉଥିବା ଏସ୍‌ଏଚ୍‌ଜି ଅଙ୍ଗନବାଡି କର୍ମୀଙ୍କ ଅନୁପସ୍ଥିତିରେ ଏହି ଖାଦ୍ୟ ପ୍ୟାକେଟ୍ ଆଣି ଦେଇ ଚାଲିଯାଉଛନ୍ତି ବୋଲି କହିଥିଲେ । ତେବେ ଏହି ଘଟଣାକୁ ନେଇ ଆଜି ଶ୍ରୀ ସେନାପତି, ଜିଲ୍ଲା କଂଗ୍ରେସର ଅ'ରୀଣ ସଭାପତି ଦେବବ୍ରତ ବିହାରୀ ଏବଂ ଉକ୍ତ ଅଞ୍ଚଳର କିଛି ବାସିନ୍ଦା ତଥା କଂଗ୍ରେସ କର୍ମୀ ସିଭିଲ୍ ଟାଉନସିପ୍ ସ୍ଥିତ ସିଡିପିଓଙ୍କ ନିକଟରେ ପହଞ୍ଚି ଏହି ଘଟଣାର ପ୍ରତିବାଦ କରିଥିଲେ । ଏହି ସୁଜି ହାଲୁଆ ପ୍ୟାକେଟ୍ ଉପରେ କାହିଁକି ପ୍ରସ୍ତୁତି ତାରିଖ ଉଲ୍ଲେଖ ନାହିଁ ଏବଂ ଏ ପ୍ରକାର ଦୁର୍ଗନ୍ଧଯୁକ୍ତ ଅସ୍ୱାସ୍ଥ୍ୟକର ସୁଜି ହାଲୁଆ କାହିଁକି ଛୋଟ ଛୋଟ ଶିଶୁମାନଙ୍କୁ ଖାଇବାକୁ ଦିଆଯାଉଛି ଏବଂ ଏଥିପାଇଁ କିଏ ଅନୁମତି ଦେଇଛି ତାହା ଜାଣିବାକୁ ଚାହିଁଥିଲେ । ସିଡିପିଓ କମଳା ପାତ୍ର ସୁଜି ହାଲୁଆ ପ୍ୟାକେଟ୍‌କୁ ନିରୀକ୍ଷଣ କରିବା ସହିତ ପ୍ୟାକେଟ୍‌ରେ ଥିବା ସୁଜି ହାଲୁଆର ଦୁର୍ଗନ୍ଧ ସମ୍ପର୍କରେ ଅବଗତ ହୋଇ ଏ ବାବଦରେ ଆବଶ୍ୟକୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ସୁଜି ହାଲୁଆ ଓ ଛତୁଆ ଇତ୍ୟାଦି ଯୋଗାଣର ଦାୟିତ୍ୱ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସରକାର ଦେଇଥିବା ବେଳେ ସମ୍ପୃକ୍ତ ଗୋଷ୍ଠୀମାନଙ୍କୁ ସେ ବାବଦରେ ଆବଶ୍ୟକୀୟ ଅର୍ଥ ମଧ୍ୟ ପୈଠ କରୁଛନ୍ତି । ତେବେ ଏହି ଖାଦ୍ୟ ଯୋଗାଣର ଆବଶ୍ୟକୀୟ ତଦାରଖ ହେଉନଥିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମନଇଚ୍ଛା ନିମ୍ନମାନର ଖାଇବା ପାଇଁ ଅନୁପଯୁକ୍ତ ଖାଦ୍ୟ ସାମଗ୍ରୀ ଯୋଗାଣ କରି ବିପୁଳ ଅର୍ଥ ରାଶି ସରକାରଙ୍କଠାରୁ ଠକି ନେଉଥିବା କଂଗ୍ରେସ ତରଫରୁ କୁହାଯାଇଛି । ଯଦି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏ ସମ୍ପର୍କରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ କଂଗ୍ରେସ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ଶ୍ରୀ ସେନାପତି ଓ ଶ୍ରୀ ବିହାରୀଙ୍କ ସମେତ ଜିତେନ୍ଦ୍ର ଦାସ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ବିଜୟ ସାହୁ, କଳିଙ୍ଗ ସାହୁ ପ୍ରମୁଖଙ୍କ ସହ ବସ୍ତିର କେତେକ ବାସିନ୍ଦା ଉପସ୍ଥିତ ଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍ ସଂସ୍ଥା ଦ୍ୱାରା ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଭଳି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ

ମୋ ସହର

ଭୀମଟାଙ୍ଗୀରେ କୁମାର ଉତ୍ସବ ପାଳିତ

ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ବଲାଙ୍ଗିର,(ପି.ଏନ): ଅକ୍ଟୋବର ମାସ ନିମନ୍ତେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳ ଙ୍କ କାର୍ଯ୍ୟ।ଳୟ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଚଂଚଳ ରାଣା , ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର , ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ବଲାଙ୍ଗିର ଉପ-ଜିଲ୍ଲାପାଳ କୁମାର ନାଗଭୂଷଣ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ , ବଲାଙ୍ଗିର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ ,ତହସିଲଦାର ଓ ସିଡିପିଓ ମାନେ ଉପସ୍ଥିତ ଥିଲେ ।

ଆବାସିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଗର୍ଭବତୀ ଛାତ୍ରୀ ଓ ଶିଶୁର ମୃତ୍ୟୁ ଘଟଣା

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଞ୍ଚଳ ରେ ଥିବା ରାଙ୍ଗାପାରୁ ଆଶ୍ରମ ସ୍କୁଲର ସପ୍ତମ ଶ୍ରେଣୀ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଓ ପରେ ଉଭୟ ମା ଓ ସନ୍ତାନ ର ମୃତ୍ୟୁ ଘଟଣା ରେ ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ ତରଫରୁ ସ୍ଥାନୀୟ ସାମ୍ବାଦିକ ଭବନର ସମ୍ମିଳନୀ କକ୍ଷଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି । ଏବିଭିପି କନ୍ଧମାଳର ଜିଲ୍ଲା ସଂଯୋଜକ ରୁଦ୍ରପ୍ରସାଦ ସେଠାଙ୍କ ନେତୃତ୍ୱ ରେ ଏହି ସାମ୍ବାଦିକ ସମ୍ମିଳନୀ ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ ଶାଖା ପକ୍ଷରୁ ଦାବୀ କରାଯାଇଛି ଯେ, ଏହି ଘଟଣା ରେ ଜିଲ୍ଲା ପ୍ରଶାସନର ଓ ସ୍କୁଲ କର୍ତ୍ତୃପକ୍ଷ ଙ୍କ ଅବହେଳା ଯୋଗୁଁ ଛାତ୍ରୀ ଓ ତାର ଗର୍ଭସ୍ଥ ଶିଶୁର ମୃତ୍ୟୁ ହେଇଛି ବୋଲି ଆଜି ଫୁଲବାଣୀ ର ଗଣମାଧ୍ୟମ କୁ କହିଛନ୍ତି ରୁଦ୍ରମାଧବ । ଏଥିରେ ଆହୁରି ଅଭିଯୋଗ କରାଯାଇଛି, ଜିଲ୍ଲାର ଜଣେ ଶାସକ ଦଳର ନେତା ଓ ଠିକାଦାରଙ୍କ ସମ୍ପର୍କୀୟଙ୍କ ର ଏଥିରେ ସମ୍ପୃକ୍ତି ରହିଛି ବୋଲି ଗଣମାଧ୍ୟମକୁ କହିଛନ୍ତି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ, ଦାବୀ କରୁଛି ଯେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଙ୍କ ଅବହେଳା ଯୋଗୁଁ ଏ ଘଟଣା ଘଟିଛି ତେଣୁ ସରକାର ତୁରନ୍ତ ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଥିଲେ । ଏହି ଘଟଣାରେ କେବଳ ଜଣେ ୧୫ ବର୍ଷ ର ନାବାଳକକୁ ଧରି ବାଳ ସୁଧାର ଗୃହରେ ରଖିଦେଇ ଜିଲ୍ଲା ପ୍ରଶାସନ କିଛି ତଳିଆ କର୍ମଚାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଦେଇ ହାତ ଝାଡି ଦେଇଛି ପ୍ରଶାସନ ବୋଲି କହିଥିଲେ ଏବିଭିପି କନ୍ଧମାଳର ଜିଲ୍ଲା ପ୍ରମୁଖ ଶିବାଶିଷ ପଣ୍ଡା, ନାବାଳିକା ଜଣକ ଆଠମାସର ଗର୍ଭବତୀ ହେବା ପର୍ଯ୍ୟନ୍ତ ସ୍କୁଲର ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା କର୍ମଚାରୀ କିଭଳି ଜାଣି ପାରିଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି ଶିବାଶିଷ। ପରେ ଅବସ୍ଥା ଅଣାୟତ ହେବାପରେ ଉଭୟ ମା ଓ ଶିଶୁଙ୍କୁ ଅବହେଳା ର ଶୀକାର ହେବା ସହିତ ଶେଷରେ ଜୀବନ ହରାଇବାକୁ ପଡିଛି ବୋଲି କହିଥିଲେ। ଏହି ଘଟଣା ର ସଠିକ୍ ତଦନ୍ତ କରି, ପ୍ରକୃତ ଦୋଷୀଙ୍କୁ ବାହାର କରି ସେମାନଙ୍କୁ ଦଣ୍ଡ ପ୍ରଦାନ କରାଯିବା କୁ ଦାବୀ କରିଛି ଏବିଭିପି। ତା ନହେଲେ ଜିଲ୍ଲା ବ୍ୟାପି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସମ୍ମିଳନୀରେ ଫୁଲବାଣୀ ନଗର ସମ୍ପାଦକ ଅମିତ ବେହେରା,ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟା ଅହଲ୍ୟା ମାଝୀ ଏବଂ ସଞ୍ଜନା କହଁର, ରଜତ ବେହେରା, ରଜତ ମହାପାତ୍ର, ତ୍ରିଲୋଚନ ଗଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

ବଲାଙ୍ଗିର ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ – ମାନସିକ ରୋଗର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ସଚେତନତା ଉପରେ ଗୁରୁତ୍ୱାରୋପ

ବଲାଙ୍ଗିର ,(ପି.ଏନ): ଆଜି ବଲାଙ୍ଗିର ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଉପଲକ୍ଷେ ପୂର୍ବାହ୍ନ ରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟ।ଳୟ ପର୍ଯ୍ୟନ୍ତ ଆସିଥିଲା । ଏହି ସଚେତନତା ରାଲି ରେ ପ୍ରଜାପୀତା ବ୍ରହ୍ମକୁମାରୀ , ରେଡକ୍ରସ , ବିଙ୍ଗ ହ୍ୟୁମାନ , କୁଲୁତା ସମାଜ , ବେସରକାରୀ ସଂଗଠନ ର କର୍ମକର୍ତା ମାନେ ଯୋଗଦେଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟ।ଳୟ ସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ,ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବଲାଙ୍ଗିର ମିଳିତ ଆନୁକୁଲ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଦିବ୍ୟ କିଶୋର ପତି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ବିନୟ କୁମାର ପାତ୍ର , ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର ଭାଇସ ପ୍ରିନ୍ସିପାଲ ଡ଼ ମାନସୀ ପଣ୍ଡା , ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର ମାନସିକ ରୋଗ ବିଭାଗ ର ବିଭାଗୀୟ ମୁଖ୍ୟ ଡ଼ା ଆଶୀର୍ବାଦ ଶତପଥି , ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର ପ୍ରୋଗ୍ରାମ ଅଫିସର ଡ଼ା ସୁଖଶ୍ୟାମ ତ୍ରିପାଠୀ , ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା ପ୍ରୋଗ୍ରାମ ମେନେଜର ମୃତ୍ୟୁଞ୍ଜୟ ମୁଣ୍ଡ ପ୍ରମୁଖ ଯୋଗଦେଇ ମାନସିକ ରୋଗର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ଆଲୋକପାତ କରିବା ସହ ଏ ସମ୍ପର୍କରେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର ପ୍ରୋଗ୍ରାମ ଅଫିସର ଡ଼ା ତ୍ରିପାଠୀ ବଲାଙ୍ଗିର ଜିଲ୍ଲା ରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ମାନସିକ ରୋଗ ପ୍ରାଥମିକ ଅବସ୍ଥା ରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ ଏବଂ ଏହି ରୋଗ ର ଲକ୍ଷଣ ଦେଖାଦେଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରିବାକୁ ସେ ସୂଚନା ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଶ୍ରୀ ପାତ୍ର ପ୍ରାଧିକରଣ ଦ୍ୱାରା ଯୋଗାଇ ଦିଆଯାଉଥିବା ମାଗଣା ଆଇନ ସେବା ଓ ସହାୟତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ସଭା ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଦିବସ ପାଳନ ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ଶେଷରେ ମାନସିକ ରୋଗ ବିଭାଗ ର ନର୍ସିଂ ଅଫିସର ସ୍ୱାଗତିକା ହରପାଲ ଧନ୍ୟବାଦ ଅର୍ପଣ କରିଥିଲେ।

୪ହଜାର ଲୋକ କାଦୁଅପଙ୍କ ଚକଟି ଯାଉଛନ୍ତି ବାଲିପଡ଼ା : ପ୍ରଭାବଶାଳି ନେତାଙ୍କ ପ୍ରଭାବଶୂନ୍ୟ !

ପୁରୀ,(ପି.ଏନ): ପୁରୀ ସଦରବ୍ଲକ ଅଧିନରେ ରହିଛି ବାଲିପଡ଼ା ଗ୍ରାମ ପଂଚାୟତ। ଏହି ପଂଚାୟତରୁ ନିର୍ବାଚିତ ସମିତି ସଭ୍ୟ ସଦରବ୍ଲକର ଚେୟାରମ୍ୟାନ ହୋଇଛନ୍ତି । ହେଲେ ତାଙ୍କ ପଞ୍ଚାୟତର ପ୍ରାୟ ୪ ହଜାର ଲୋକ ଏବେ ବର୍ଷା ଦିନେ କାଦୁଅପଙ୍କ ଚକଟି ଯାଆସ କରୁଥିବାରୁ ଘୋର ଅସୁବିଧାରେ ପଡୁଛନ୍ତି । ମାଳତିପାଟପୁର ଆରଡ଼ି ରାସ୍ତା ଠାରୁ ବାଲିପଡ଼ା ପର୍ଯ୍ୟନ୍ତ ୪ କିଲୋମିଟର ରାସ୍ତା । ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯାଉଅଛି । ଏହି ରାସ୍ତାରେ ଗାଡ଼ି ଦୁର୍ଘଟଣା ହୋଇ ବାଲିପଡ଼ା ତଳ ସାହିର ରବି ବେହେରା ତିନିମାସ ହେଲାଣି ମସ୍ତିଷ୍କ ଅଘାତ ପାଇ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଏବେ ଏହି ରାସ୍ତା ଅଂଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି ।

ନୂଆପଡାରେ ଆଉ ୪ ଝାଡା ବାନ୍ତି ଆକ୍ରାନ୍ତ, ପାଣି ନମୁନା ସଂଗ୍ରହ କରାଗଲା

ମୁଖୀଗୁଡା,(ପି.ଏନ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବଡ଼କର୍ଲାକୋଟ ନୂଆପଡାରେ ଝାଡା ବାନ୍ତି ରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୮ ଜଣଆକ୍ରାନ୍ତ ହୋଇ ଥିଲେ। ଆଜି ଆଉ ୪ ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି ।ସେମାନେ ହେଲେ ତିଳେ ନାଏକ(୫୮),ମନ ସିଂ ପୂରିଆ(୫୫),ଜଗନ୍ନାଥ ନାଏକ(୪୫) ଓମାନସିଂ ସିଂ ପୂରିଆ(୪୦) ।ଆଜି କରଲାକୋଟଗ୍ରାମ ର ନୂଆପଡାକୁ ଏକ ଡାକ୍ତରୀଦଳ ଲୋକଙ୍କୁ ଔଷଦ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ । ଆଶାକର୍ମୀ ପୋଖରୀ ପାଣି ବ୍ୟବହାର ନକରିବା ପାଇଁ ସଚେତନ କରିଥିଲେ ।ପ୍ରାଥମିକ ସୂଚନା ଅନୁଯାୟୀ ଗାଁ ରେ ଥିବା କୁର୍ଲା ।ମୁଣ୍ଡା ସାଗର ରେ ଗାଁ ଲୋକେ ଗାଧୋଇବା ସହ ଶୌଚ, ଲୁଗାପଟା ସଫା ଓ ଅଇଁଠା ବାସନକୁସନ ମଧ୍ୟ ଧୋଉଛନ୍ତି। ପାଣି ସଂକ୍ରମିତ ହେବା ସହ ଝାଡା ବାନ୍ତି ବ୍ୟାପିଥାଇ ପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ସନ୍ଦେହ କରୁଛି ।ଗାଁ ରେ ଏକ ଡାକ୍ତରୀ ଟିମ ରହିବା ସହ ପ୍ରତ୍ୟେକ ଘର ଯାଇ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝୁଛନ୍ତି ।ବିଭିନ୍ନ ସ୍ଥାନରେ ସ୍ଥାନରେ ବ୍ଲିଚିଙ୍ଗ ପାଉଡର ପକାଇବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଅନ୍ୟପକ୍ଷରେ ନୂଆପଡା ରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପଡ଼ାରାସ୍ତା ଦୁଇକଡରେ ଡ୍ରେନ ନଥିବାରୁ ରାସ୍ତାରେ କାଦୁଅ ରହିବା ପାଣି ଜମି ରହୁଛି ।ଲୋକେ ଶୌଚାଳୟ ବ୍ୟବହାର ନକରି ଶୌଚ ପାଇଁ କୁର୍ଲା ।ମୁଣ୍ଡା ସାଗର ଉପରେ ନିର୍ଭର କରୁଛନ୍ତି ।୬୦ଘର ଏବଂ ୧୭୭ ଭୋଟର ଥିବା ନୂଆପଡାରେ ୨ଟି ନଳକୂପ ରହିଛି ଯାହା ପଡ଼ାବାସୀଙ୍କ ପାଇଁ ଯଥେଷ୍ଟ ହୋଉନଥିବା ବେଳେ ନଳ କୂପ ନିକଟରେ ବାସନ ଧୋଉଥିବାରୁ ନଳକୂପ ଚାରିପାଖ ଅପରିଷ୍କାର ରହିଛି ।ଆଜି ନୂଆପଡା କୁ ସଂକ୍ରାମକରୋଗବିଜ୍ଞାନି ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସେହିପରି ଆଜି ସର୍ଗିଗୁଡା ପଞ୍ଚାୟତ ର ବାଞ୍ଜିବାହାଲ ରେ ଝାଡାବାନ୍ତି ରେ ଜଣକର ମୃତ୍ୟୁ ହୋଇଥିବା କୁହାଯାଉଛି ଏବଂ ଗୋଟିଏ ପରିବାରର ୯ଜଣ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ହେଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ମିଳିନାହିଁ ।

ତାଳଗଛ ଯାଉଛି ତାମିଲନାଡୁ, ବଜ୍ରାଘାତ ଖାଉଛି ଓଡିଶା ?

ଭୁବନେଶ୍ୱର,୧୦।୧୦(ପି.ଏନ) : ସୁନ୍ଦରଗଡରୁ ଆସିଥିବା ଏହି ଚିତ୍ର ଦେଖିଲେ, ଯେ-କେହି ବି ବିବ୍ରତ ହେବା ସ୍ୱାଭାବିକ। ପିଲାମାନେ ପଡିଆରେ ଫୁଟବଲ ଖେଳୁଥିଲେ, ଅନାଚ୍କ୍ ବଜ୍ରାଘାତ ହେଲା। ୨ ଜଣ ଖେଳାଳିଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଆହତ ହେଲେ। କିନ୍ତୁ ପ୍ରଶ୍ନ ହେଉଛି ବଜ୍ରାଘାତର ଏହି ଭୟାବତା ଦିନକୁ ଦିନ ବଢୁଛି କାହିଁକି ? ଏହାର ଏକ କାରଣ, ଆପଣଙ୍କୁ ଆହୁରି ବିଚଳିତ କରିପାରେ। ଓଡିଶାରେ କଟୁଛି ତାଳଗଛ, ଯାଉଛି ତାମିଲନାଡୁ, କିନ୍ତୁ ପରିଣାମ ଭୋଗୁଛି ଓଡିଶା ! ପ୍ରତି ବର୍ଷ ବଜ୍ରାଘାତରେ ଯାଉଛି ୩୦୦ରୁ ୪୦୦ ଜଣଙ୍କ ଜୀବନ। ଗତ ୫ ବର୍ଷରେ ବଜ୍ରଘାତରେ ୧,୬୬୭ ଜଣଙ୍କ ଜୀବନ ଯାଇଛି। ବଜ୍ରାଘାତ ଜନିତ ମୃତ୍ୟୁରେ ମଧ୍ୟପ୍ରଦେଶ ପରେ ଓଡିଶାର ସ୍ଥାନ ରହିଛି। ଢେଙ୍କାନାଳ ଓ ଅନୁଗୁଳ ଅଂଚଳରେ ବ୍ୟାପକ ଭାବେ କଟାଯାଉଛି ତାଳଗଛ। ଆଉ ଏ ସବୁ ଟ୍ରକରେ ବୁହାହୋଇ ତାମିଲନାଡୁ ଯାଉଥିବା କୁହାଯାଉଛି। ରାଜ୍ୟରେ ବ୍ୟାପକ ଭାବେ ତାଳଗଛ କଟିବା କାରଣରୁ କ୍ରମାଗତ ଭାବେ ବଜ୍ରାଘାତ ଜନିତ ମୃତ୍ୟୁ ସଂଖ୍ୟା ବଢୁଥିବା କହୁଛନ୍ତି ବିଶେଷଜ୍ଞ। ତାଳଗଛ, କରେଣ୍ଟର ଏକ ସୁପରିବାହୀ ଭାବେ କାମ କରୁଥିବାରୁ ଉଚ୍ଚ ଶକ୍ତି ବିଶିଷ୍ଟ ବିଜୁଳି କରେଣ୍ଟ ତାଳଗଛରେ ମାଡ ହୋଇ ତୁରନ୍ତ ମାଟି ତଳକୁ ଚାଲିଯାଏ। ଯାହାଫଳରେ ବିଦ୍ୟୁତ ଆଘାତର ଆଶଙ୍କା କମିଯାଏ। ହେଲେ ତାଳଗଛ ସଂଖ୍ୟା କମିବା କାରଣରୁ ବଜ୍ରାଘାତର ଆଶଙ୍କା ବଢ଼ିଯାଉଛି। ଏପଟେ, ତାଳଗଛ ଚାଲାଣରେ କୌଣସି ପ୍ରତିବନ୍ଧକ ନଥିବାରୁ, ବ୍ୟାପକ ଭାବେ ତାଳଗଛ କଟାଯାଇ ବାହାର ରାଜ୍ୟକୁ ମଧ୍ୟ ଚାଲାଣ କରାଯାଉଥିବା ଦେଖାଯାଉଛି ।ତାଳଗଛ କଟିଯିବାରୁ ହାତୀମାନେ ବର୍ଷାଦିନେ ପାଚିଲା ତାଳ ଖାଇବାକୁ ନପାଇ ଜନବସତି ଆଡକୁ ମାଡି ଆସୁଛନ୍ତି ଓ ଅଧିକ ଧନଜୀବନ ହାନୀ ହେଉଛି ବୋଲି କହିଛନ୍ତି ପରିବେଶବିତ୍ ଡ. ବିଶ୍ୱଜିତ୍ ମହାନ୍ତି। ସେ କହିବା କଥା ତାମିଲନାଡୁରେ ତାଳ ଗଛ କଟା ବ୍ୟାନ୍ କରାଯାଇଛି। ହେଲେ ଓଡିଶା ଖୁଲମଖୁଟା ତାଳ ଗଛ କଟା ଚାଲିଛି। ଓଡିଶାର ଢେଙ୍କାନାଳ ଓ ଅନୁଗୁଳ ଅଂଚଳରୁ ବ୍ୟାପକ ତାଳ ଗଛ କଟାଯାଇ ଟ୍ରକରେ ଚାଲାଣ ହେଉଛି। ନୂଆ ଗଛ ଲଗାଇବା ସମୟ ସାପେକ୍ଷ ହୋଇଥିବା ବେଳେ ପୁରୁଣା ଗଛର ସୁରକ୍ଷା କରାଯାଉନାହିଁ। ଏ ନେଇ ବନ ବିଭାଗକୁ ସେମାନେ ବାରମ୍ବାର ଜଣାଇଛନ୍ତି ।ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ବାଂଲାଦେଶ ଭଳି ଓଡିଶାରେ ବ୍ୟାପକ ତାଳ ଗଛ ପୋତାଯିବ ବୋଲି ଓଡିଶା ସରକାରଙ୍କ ଅଧିକାରୀମାନେ ୪ ବର୍ଷ ତଳେ ଘୋଷଣା କରିଥିଲେ। ବନ ବିଭାଗ ଓ ପ୍ରାକୃତିକ ଦୁର୍ବିପାକ କର୍ତ୍ତୃପକ୍ଷ ତାଳଗଛ ଲଗାଇବୁ ବୋଲି କହିଥିଲେ। ଗତ ୫ ବର୍ଷରେ କେଉଁ ରାଜ୍ୟରେ କେତେ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି ତାର ହିସାବ ଲୋକସଭାରେ ମାର୍ଚ୍ଚ ୧୬ ତାରିଖରେ ଆର୍ଥ ସାଇନ୍ସ ବା ପୃଥ୍ୱୀ ବିଜ୍ଞାନ ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଦେଇଥିଲେ। ଯେଉଁଥିରେ ୨୦୧୬ରୁ ୨୦୨୦ ମଧ୍ୟରେ ମଧ୍ୟପ୍ରଦେଶରେ ପରେ ଓଡିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ବଜ୍ରପାତରେ ଘଟିଥିବା ଦର୍ଶାଇଥିଲେ। ୫ ବର୍ଷରେ ମଧ୍ୟପ୍ରଦେଶରେ ୨,୩୦୧ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିବା ବେଳେ ଓଡିଶାରେ ଦ୍ୱିତୀୟ ସର୍ବାଧିକ ୧,୬୬୭ ଲୋକଙ୍କର ମୃତ୍ୟୁ ଘଟିଛି। ଖୋଲା ଖଣି ଅଚ୍ଂଳରେ ଅଧିକ ବଜ୍ରପାତ ହେଉଥିବା ଲକ୍ଷ୍ୟ କରାଯାଇଛି ।ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ତାଳଗଛ ଡେଙ୍ଗା ହୋଇଥିବାରୁ ବଜ୍ରପାତର ଏକ ସୁପରିବାହୀ ଭଳି କାମ କରେ ଓ ଆସୁଥିବା ଅତ୍ୟଧିକ କରେଣ୍ଟ ତୁରନ୍ତ ମାଟିକୁ ଚାଲିଯାଏ। ଫଳରେ ପ୍ରଚୁର ତାଳଗଛ ଥିବା ଅଞ୍ଚଳର କୃଷକମାନେ ବଜ୍ରାଘାତରୁ ରକ୍ଷା ପାଆନ୍ତି। ପୂର୍ବରୁ ସେଥିପାଇଁ ଅଧିକ ତାଳଗଛ ପୋତାଯାଉଥିଲା। ମାତ୍ର ଏବେ ବିକାଶ ଆଳରେ ଅବିଚାରିତ ଭାବରେ ତାଳ ଗଛ କଟାଯାଉଛି। ସରକାର ୪ ବର୍ଷ ତଳେ ନୂଆ ତାଳ ଗଛ ପୋତିବା କାର୍ଯ୍ୟକ୍ରମ ହାତକୁ ନେବେ କହିଥିଲେ ବି ବିଶେଷକିଛି ହୋଇନାହିଁ।

2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Tuesday October 11, 2022 | ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୧୧,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ମାନସିକ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯିବା ଉଚିତ: କିମ୍‌ସ ବିଶେଷଜ୍ଞ

ଭୁବନେଶ୍ୱର,(ପି.ଏନ): ମହାମାରୀ ପରବର୍ତ୍ତୀ ସ୍ଥିତିରେ ଚିନ୍ତା ଏବଂ ମାନସିକ ବିକୃତି, ଚାପ ସମ୍ବନ୍ଧୀୟ ବ୍ୟାଧି, ଆତ୍ମହତ୍ୟା ପ୍ରବୃତ୍ତି ଏବଂ ନିଶା ଜନିତ ରୋଗ, ଶୋଇବାରେ ବ୍ୟାଘାତ ଜନିତ ସମସ୍ୟା ସମଗ୍ର ବିଶ୍ୱରେ ବୃଦ୍ଧି ପାଇବାରେ ଲାଗିଛି। ଦେଶ ଦେଶ ମଧ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦ, ଯୁଦ୍ଧ ଏବଂ ବଢୁଥିବା ହିଂସା, ବିଶ୍ୱର ବିଭିନ୍ନ ଅଞ୍ଚଳରେ ବଡ଼ ଧରଣର ସ୍ଥାନାନ୍ତରଣ ଏବଂ ଉପୁଜୁଥିବା ଜନସ୍ୱାସ୍ଥ୍ୟ ଆପାତକାଳୀନ ପରିସ୍ଥିତି କାରଣରୁ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ପ୍ରଗତି ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଛି। ଅକ୍ଟୋବର ୧୦ ତାରିଖରେ ବିଶ୍ୱ ମାସନିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ କିମ୍‌ସ ଭୁବନେଶ୍ୱରର ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ତଥା ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର ରାମ ଚନ୍ଦ୍ର ଦାସ ଏହି ସୂଚନା କହିଛନ୍ତି। ଚଳିତବର୍ଷ ଏହି ଦିବସକୁ ପାଳନ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ରଖା ଯାଇଥିବା ବିଷୟ ବସ୍ତୁ ହେଲା 'ମେକ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ୱେଲ ବିଙ୍ଗ୍ ଏ ଗ୍ଲୋବାଲ ପ୍ରାୟୋରିଟି', ଅର୍ଥାତ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ବିଶ୍ୱସ୍ତରରେ ପ୍ରାଥମିକତା ଦେବା। କରୋନା ମହାମାରୀ ଯୋଗୁଁ କିଛି ଲୋକ ମାନସିକ ଭାବେ ଦୁର୍ବଳ ହୋଇପଡ଼ିଛନ୍ତି। ଏଥି ସକାଶେ ଜନସାଧାରଣ ଏବଂ ଦେଶପାଇଁ ମାନସିକ ସ୍ୱାସ୍ଥ୍ୟ ଅସମାନତାର ନୈତିକ ପ୍ରଭାବକୁ ସମାଧାନ କରିବା ଲାଗି ଏକ ନିଷ୍କଷ ଜନସ୍ୱାସ୍ଥ୍ୟ ନୀତି ଅଣାଯିବା ଉଚିତ। ଆମକୁ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ଉନ୍ନତି ଆଣିବାକୁ ପଡ଼ିବ। ମାନସିକ ରୋଗଙ୍କୁ ନେଇ ଲୋକମାନଙ୍କ ମଧ୍ୟରେ ଥିବା କୁସଂସ୍କାର ଏବଂ ଭୁଲ ଧାରଣା ଯୋଗୁଁ ମାନସିକ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବାଧା ସୃଷ୍ଟି ହୋଇଥାଏ। ଭେଦଭାବ କାରଣରୁ ମାନସିକ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଡା. ଦାସ କହିଛନ୍ତି। ଏଥି ପ୍ରତି ଧ୍ୟାନ ଦିଆଯିବା ଉଚିତ। ସେହିପରି କିମ୍‌ସ-ଭୁବନେଶ୍ୱର ମାନସିକ ରୋଗ ବିଭାଗ ସହକାରୀ ପ୍ରଫେସର ଡା. ଉଦିତ ପଣ୍ଡା କହିଛନ୍ତି, ଆମ ରାଜ୍ୟରେ ମାନସିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆମେ ବହୁତ କିଛି କରିପାରିବା। ମାନସିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ପ୍ରଗତିଶୀଳ ନୀତି ପରିବର୍ତ୍ତନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଗକୁ ଆସିବା ଉଚିତ୍ ବୋଲି ଡା. ପଣ୍ଡା କହିଛନ୍ତି।

ଡିମ୍ବୋ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର ,(ପି.ଏନ):ଡିମ୍ବୋ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଦୁର୍ଯ୍ୟୋଧନ ସାହୁଙ୍କୁ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ତା-୧୭.୧୦.୨୦୨୨ରିଖରେ ଓଡିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଶିଲାଲ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଏହି ଉତ୍ସବ ପାଇଁ ପୁରାତନ ଛାତ୍ର ସଂସଦ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ଆନନ୍ଦ ବ୍ୟକ୍ତ କରିଛନ୍ତି । ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ମହାନ୍ତ, ପୂର୍ବତନ ପ୍ରଧାନଶିକ୍ଷକ ଦୋଳଗୋବିନ୍ଦ ପରିଡା, ଝାଡେଶ୍ୱର ମିଶ୍ର, ଶଙ୍କର୍ଷଣ ସାହୁ, ଛାତ୍ର ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ କଳ୍ପତରୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାରତର ୭୦୦ରୁ ଅଧିକ ଜିଲ୍ଲାର ସ୍କୁଲକୁ 'ଫୁଟବଲ୍ ଫର୍ ସ୍କୁଲ୍' କାର୍ଯ୍ୟକ୍ରମରେ ଯୋଡାଯିବ:ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ,(ପି.ଏନ): ସମଗ୍ର ଭାରତବର୍ଷରେ ୭୦୦ରୁ ଅଧିକ ଜିଲ୍ଲାର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍କୁଲକୁ 'ଫୁଟବଲ୍ ଫର୍ ସ୍କୁଲ୍' କାର୍ଯ୍ୟକ୍ରମରେ ଯୋଡ଼ାଯିବ । ଫିଫା, ୟୁନିସ୍କ ? ଏବଂ ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍ଏଫ୍) ସହଯୋଗରେ ଦେଶର ସ୍କୁଲ ଗୁଡ଼ିକରେ ଫୁଟବଲ କ୍ରୀଡ଼ାକୁ ପ୍ରୋତ୍ସାହନ ଦିଆଯିବ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଏ ସମ୍ପର୍କୀତ ବୈଠକରେ ଯୋଗଦେବା ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେଶର ସ୍କୁଲ ଗୁଡ଼ିକରେ ଫୁଟବଲ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଦିଗରେ କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ନିଶିଥ୍ ପରମାଣିକ, ଫିଫାର ସେକ୍‌ରେଟାରୀ ଜେନେରାଲ ଫାତମା ସମୌରା, ୟୁନିସ୍କ ?, ଏଆଇଏଫଏଫର ସଭାପତି କଲ୍ୟାଣ ଚୌବେ, ଶିକ୍ଷା ଓ କ୍ରୀଡ଼ା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା । ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆସନ୍ତାକାଲି ଠାରୁ ଦେଶରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଅନୁଷ୍ଠିତ ହେବା ଖୁସିର ବିଷୟ । ଦେଶରେ ଫୁଟବଲ କ୍ରୀଡ଼ାକୁ ପ୍ରୋତ୍ସାହନ ଓ ଛାତ୍ରଛାତ୍ରୀଙ୍କୁ ଫିଟ୍ ରଖିବା ଦିଗରେ ଭାରତ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି । ଏ ଦିଗରେ ଫିଫା, ୟୁନିସ୍କ ? ଓ ଏଆଇଏଫଏଫ ସହଯୋଗରେ ଦେଶର ସ୍କୁଲ ଗୁଡ଼ିକରେ ଫୁଟବଲ କ୍ରୀଡ଼ାକୁ ପ୍ରୋତ୍ସାହନ ଦିଆଯିବ । ଏଥିପାଇଁ ଦେଶରେ 'ଫୁଟବଲ୍ ଫର୍ ସ୍କୁଲ୍' କାର୍ଯ୍ୟକ୍ରମ ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା ହୋଇଛି । ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍କୁଲର ବ୍ୟାପକ ନେଟୱାର୍କକୁ ଦୃଷ୍ଟିରେ ରଖି ଦେଶରେ ଥିବା ୭୦୦ରୁ ଉର୍ଦ୍ଧ୍ୱ ଜିଲ୍ଲାକୁ 'ଫୁଟବଲ୍ ଫର୍ ସ୍କୁଲ୍' କାର୍ଯ୍ୟକ୍ରମରେ ଯୋଡ଼ିବା ପାଇଁ ନିଷ୍ପତି ନିଆଯାଇଛି । ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ନବୋଦୟ ବିଦ୍ୟାଳୟ ସଂଗଠନ 'ଫୁଟବଲ୍ ଫର୍ ସ୍କୁଲ୍' କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଦିଗରେ ମୁଖ୍ୟ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ଫିଫା, ଏଆଇଏଫଏଫ ଓ ୟୁନିସ୍କ ? ଦେଶର ୧୦ ହଜାର ସ୍କୁଲକୁ ୧୦୦ ଲେଖାଁଏ ଫୁଟବଲ ଯୋଗାଇ ଦେବ । ଜାତୀୟ ଶିକ୍ଷା ନୀତି - ୨୦୨୦ର ଉଦ୍ଦେଶ୍ୟକୁ ଫୁଟବଲ୍ ଫର୍ ସ୍କୁଲ କାର୍ଯ୍ୟକ୍ରମକୁ ସହାୟକ ହେବା ସହ କ୍ରୀଡ଼ା ଆଧାରିତ ପାଠପଢ଼ାକୁ ପ୍ରୋତ୍ସାହନ ଦିଆଯିବ । ଏହି ପଦକ୍ଷେପ ଦେଶରେ କ୍ରୀଡ଼ା ସଂସ୍କୃତିକୁ ଗତି ଦେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଦକ୍ଷତାର ବିକାଶ କରାଇବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଭାରତ କ୍ରୀଡ଼ାର ମହାଶକ୍ତି ହେବା ସହ ଫିଟ୍ ଇଣ୍ଡିଆକୁ ସୁନିଶ୍ଚିତ କରି ବିକଶିତ ଭାରତ ଗଢ଼ିବାରେ ଶିକ୍ଷା ମନ୍ତ୍ରଣାଳୟ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଏଆଇଏଫ୍ଏଫ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ାର ପ୍ରୋତ୍ସାହନ ଏବଂ ଫୁଟବଲକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଆନନ୍ଦପୁରରେ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା

ଆନନ୍ଦପୁର,(ପି.ଏନ):ଆନନ୍ଦପୁରରେ ୯ତାରିଖ ରବିବାର ଦିନ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି । ରବିବାର ପବିତ୍ର କୁମାର ପୂର୍ଣ୍ଣିମା ଉପଲକ୍ଷେ କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ବୈତରଣୀ ନଦୀ କୂଳରେ ପୂଜାର୍ଚ୍ଚନା କରି ଚାନ୍ଦ ବନ୍ଦାପନା କରିଥିଲେ । ଚାନ୍ଦ ବନ୍ଦା ପରେ କୁମାରୀମାନେ ବିଭିନ୍ନ ଲକ୍ଷ୍ମୀ ପୂଜା ମଣ୍ଡପରେ ଦର୍ଶନ କରିବା ସହ ଆଶିର୍ବାଦ ଭିକ୍ଷା କରିଥିଲେ । ଆନନ୍ଦପୁର ସାର୍ବଜନୀନ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଦୀର୍ଘ ୫୧ ବର୍ଷ ଧରି ପୂଜା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ମହା ଆଡମ୍ବରରେ ପୂଜା ଅନୁଷ୍ଠିତ ହେଉଅଛି । ଆନନ୍ଦପୁର ସିନେମା ହଲ ଛକ, ଫକୀରପୁର, ପଦ୍ମପୁର, ବାର୍ଙ୍ଗିଡି, ଘଷିପୁରା, ଶୈଳଙ୍ଗ, ଶାଳପଡା ପ୍ରମୁଖ ବିଭିନ୍ନ ସ୍ଥାନରେ ମା' ଲକ୍ଷ୍ମୀପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି ।

ରାଇସୁଆଁରେ ଲକ୍ଷ୍ମୀପୂଜା

କେନ୍ଦୁଝର,(ପି.ଏନ): ରାଇସୁଆଁରେ ଧୁମ୍‌ଧାମ୍‌ରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି । ସୁଉଚ୍ଚ ତୋରଣ ସହ ସୁନ୍ଦର ସାଜସଜ୍ଜା ଏବଂ ତା ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକାନ । ଦେଖିବା ପାଇଁ ଆଖପାଖ ୩ଟି ପଂଚାୟତର ଲୋକଙ୍କ ଭିଡ ଜମୁଛି । ଉପଦେଷ୍ଟା ମୃତ୍ୟୁଞ୍ଜୟ ବେହେରାଙ୍କ ଦ୍ୱାରା ୭ ବର୍ଷ ହେଲା ଏହି ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଜନ୍ମେଜୟ ମହାରଣା ସଙ୍କଳ୍ପ କରିଛନ୍ତି । ପୋଖରୀରୁ କଳସ ବୁଡାଇ ଶୋଭାଯାତ୍ରାରେ ଆସି ସ୍ଥାପନ କରାଯିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରତିଦିନ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟରେ ବିଜୟ ବସନ୍ତ ବେହେରା, ଟୁଲିଆ ପୋଷ୍ଟ, ମାଧାୟର ଘଡେଇ, ପ୍ରସନ୍ନ କୁମାର ପୋଥାଳ, ନକୁଳ ରାଉତ, ରିତ ବେହେରା, ବାବୁଲି ରାଉତ, ବିଦେଶୀ ରାଉତ, ପିଣ୍ଟୁ ସାହୁ, ମୁନା ସାହୁ, ଅମ୍ବିକା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶୁକ୍ରବାର ଦିନ ଭଷାଣି ହେବା ସ୍ଥିରିକୃତ ହୋଇଥିବା ବେଳେ ଭୁ ବନେଶ୍ୱରରୁ ଆସିଥିବା ମେଲୋଡି ଦେଖିବା ପାଇଁ ପ୍ରବଳ ଭିଡ ଜମୁଛି ।

ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କୁ କୋଲକତା ବନ୍ଦରର ଅତିରିକ୍ତ ଦାୟିତ୍ୱ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦଙ୍କୁ କୋଲକତାର ଶ୍ୟାମା ପ୍ରସାଦ ମୁର୍ଖାଜୀ ବନ୍ଦରର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ୧୯୯୪ ବ୍ୟାଚ୍‌ର ଆଇଆରଟିଏସ୍ ଅଧିକାରୀ ଶ୍ରୀ ହରନାଦ ପାରାଦୀପ ବନ୍ଦରର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପାରାଦୀପ ବନ୍ଦରକୁ ଦେଶର ଏକ ନମ୍ବର ବନ୍ଦର ଭାବେ ପ୍ରତିଷ୍ଠା କରିବା ପାଇଁ ଯୋଗଦାନ ସମୟରେ ସ୍ଥାନୀୟ ଗଣମାଧ୍ୟମକୁ କହିଥିଲେ । ସେହିଭଳି ଭାବେ ସେ ତାଙ୍କର କାର୍ଯ୍ୟ କରି ଚାଲିଛନ୍ତି । ତାଙ୍କର ୨୭ ବର୍ଷର ଚାକିରୀକାଳ ମଧ୍ୟରେ ସେ ଭାରତୀୟ ରେଳବାଇରେ ୨୨ ବର୍ଷ ଏବଂ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅଧିନରେ ୫ ବର୍ଷ ହେବ କାମ କରୁଛନ୍ତି । ଭାରତୀୟ ରେଳବାଇରେ କାମ କରିବା ସମୟରେ ସେ ସିନିୟର ଡିଭିଜିନାଲ ଅପରେସନ ମ୍ୟାନେଜର ଭାବେ ରାୟପୁରଓ ଚକ୍ରଧରପୁର ଡିଭିଜନରେ କାମ କରିଥିଲେ । ପୂର୍ବତଟ ରେଳବାଇରେ ଶ୍ରୀ ହରନାଦ ଚିଫ ଫ୍ରାଇଟ୍ ଟ୍ରାନ୍ସପୋର୍ଟେସନ୍ ମ୍ୟାନେଜର ଭାବେ ନିଷ୍ଠାର ସହ କାମ କରିସାରିଛନ୍ତି । ତାଙ୍କର ନିଷ୍ଠାପରତା ଓ କର୍ତବ୍ୟ ନିଷ୍ଠତା ପାଇଁ ୨୦୦୨ ଓ ୨୦୦୫ ମସିହାରେ ଜାତୀୟ ପୁରସ୍କାର ହାସଲ କରିଛନ୍ତି । ୨୦୧୫-୨୦୨୦ ପର୍ଯ୍ୟନ୍ତ ବିଶାଖାପାଟନା ବନ୍ଦରର ଉପାଧ୍ୟକ୍ଷ ଭାବେ କାମ କରିଛନ୍ତି । ଉଭୟ ବନ୍ଦର ପରିଚାଳନା ଓ ରେଳ ଟ୍ରାଫିକ ପରିଚଳନାରେ ଦକ୍ଷତା ଥିବା ପାରାଦୀପ ବନ୍ଦରର ଅଧ୍ୟକ୍ଷ ଶ୍ରୀ ହରନାଦଙ୍କୁ କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳମାର୍ଗ ମନ୍ତ୍ରଣାଳୟ ଏବେ କୋଲକତାର ଶ୍ୟାମା ପ୍ରସାଦ ମୁର୍ଖାଜୀ ବନ୍ଦରର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ।

ପାରାଦୀପରେ କୁମାର ଉତ୍ସବ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ସାଗର ବେଳାଭୂମି ବିଜୁ ମଇଦାନ ଠାରେ ରବିବାର ଦିନ ଅପରାହ୍ନରେ ପବିତ୍ର କୁମାର ଉତ୍ସବ ପାଳିତ ହୋଇଯାଇଛି । ମୟୁରୀ କଳା ପରିଷଦ ପକ୍ଷରୁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଝୋଟି ଚିତା, ରଙ୍ଗୋଲୀ, ପୁଚି, ମ୍ୟୁଜିକ୍ ଚେୟାର୍,ନୃତ୍ୟ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ସେଠାରେ ସଂଧ୍ୟାରେ କୁମାରୀମାନେ ଚାନ୍ଦ ପୂଜା କରିଥିଲେ । ଏହି ପାରମ୍ପାରିକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ । ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କ ସହିତ ଜଗତସିଂହପୁର ସାଂସଦଙ୍କ ପାରାଦୀପ ପ୍ରତିନିଧି ମହେନ୍ଦ୍ର ପରିଡା ଓ ପାରିଷଦମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ ।

କେନ୍ଦୁଝର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

କେନ୍ଦୁଝର,(ପି.ଏନ): ତା ୧୦.୧୦.୨୦୨୨ ରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୯୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୧୩ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୮୧ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ ଧନରାଜ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଯଦୁମଣି ମହଲା, ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରିକା ବେହେରା ଏବଂ ଆସିଷ୍ଟାଂଟ୍ କଲେକ୍ଟର ସୁଚିସ୍ମିତା ଦାଶଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୦ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା । ସୂଚନାଯୋଗ୍ୟ ଯେ ଜଣେ ହିତାଧିକାରୀଙ୍କୁ ବ୍ଲାଇଣ୍ଡ ଷ୍ଟିକ୍ ପ୍ରଦାନ କରାଯାଇଥିଲା ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

FIND THE DIFFERENCE

•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray